# ଅନ୍‌ଲାଇନରେ ମିଳିବ କୋରାପୁଟ ମାଣ୍ଡିଆ ପ୍ରସ୍ତୁତ ସାମଗ୍ରୀ

ଜୟପୁର, ୩୧।୫(ପବନ ପାଣିଗ୍ରାହୀ)

ଆଗକୁ ଅନ୍ ଲାଇନ୍‌ରେ ମିଳିବ କୋରାପୁଟ ଜିଲାର ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ । ଦିନକୁ ଦିନ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହର ଓ ବଜାର ଯାଏ ଅନ୍ ଲାଇନ୍ ବ୍ୟବସାୟ ବଢ଼ିବାରେ ଲାଗିଥିବା ବେଳେ ଏବେ ମାଣ୍ଡିଆ ଅନ୍‌ଲାଇନରେ ମିଳିବା ନେଇ ବ୍ୟବସ୍ଥା ହୋଇଛି। ଏନେଇ କୋରାପୁଟ ମିଲେଟ୍ ବ୍ୟାଙ୍କର ପ୍ରଥମ ପ୍ରତିଷ୍ଠା ଦିବସ ଅବସରରେ ଟ୍ରାଇବ୍‌ସ୍କାର୍ଟ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଫଳରେ ଏହି ସୁଯୋଗକୁ ହାତଛଡ଼ା କରିବାକୁ ଅନେକ ଉତ୍ପାଦକ ଚାହୁଁନାହାନ୍ତି । କୋରାପୁଟ ଜିଲାର ମାଣ୍ଡିଆରେ ଭିନ୍ନ ଭିନ୍ନ ସ୍ୱାଦର ଖାଦ୍ୟ ସାମଗ୍ରୀ ତିଆରି କରୁଥିବା କୋରାପୁଟ ମିଲେଟ୍ ବ୍ୟାଙ୍କ ମଧ୍ୟ ଏହି ଅନ୍ ଲାଇନ୍ ବ୍ୟବସାୟରେ ଏବେ ଯୋଡ଼ି ହୋଇଛି । ଏନେଇ ଆଜି କୋରାପୁଟ ମିଲେଟ୍ ବ୍ୟାଙ୍କ ସହ ଟ୍ରାଇବ୍‌ସ୍କାର୍ଟ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ସଂସ୍ଥାର ମାଲିକ ରଜନୀଶ ଅଗ୍ରୱାଲ୍ କହିଛନ୍ତି, ପୂର୍ବରୁ ସଂସ୍ଥା ଦ୍ୱାରା ଏହି ଅଞ୍ଚଳର ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ସାମଗ୍ରୀ ଅନ୍ ଲାଇନ୍‌ରେ ବିକ୍ରି ଚାଲିଥିଲା । ଆଜିଠାରୁ ଏଥିରେ କୋରାପୁଟ ଜିଲାର ମାଣ୍ଡିଆ ବିକ୍ରି କରାଯିବ। ଫଳରେ ଏହି ଜିଲାର ମାଣ୍ଡିଆରେ ତିଆରି ବିଭିନ୍ନ ସାମଗ୍ରୀ ସମଗ୍ର ଦେଶରେ ପହଞ୍ଚିବ । ସେହିପରି ଓଡ଼ିଶା ରୁରାଲ୍ ଡେଭେଲପ୍‌ମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି (ଓର୍‌ମାସ୍) ପକ୍ଷରୁ ମଧ୍ୟ କୋରାପୁଟ ମିଲେଟ୍ ବ୍ୟାଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହା ଦ୍ୱାରା ଓର୍‌ମାସ୍‌ର ଯେଉଁ ଷ୍ଟଲ୍‌ଗୁଡ଼ିକ

**କୋରାପୁଟ ମିଲେଟ୍ ବ୍ୟାଙ୍କର ପ୍ରଥମ ପ୍ରତିଷ୍ଠା ଦିବସରେ ଚୁକ୍ତିନାମା ସ୍ୱାକ୍ଷରିତ**

ବିଭିନ୍ନ ମେଳାରେ ପ୍ରଦର୍ଶିତ ହୁଏ ସେଥିରେ କୋରାପୁଟ ମାଣ୍ଡିଆ ଉତ୍ପାଦ ମିଳିବ । ଏପରିକି କୋରାପୁଟ ରେଳ ଷ୍ଟେସନ୍, ବୋରିଗୁମ୍ମା ଜୁରାସିକ୍ ପାର୍କ ଏବଂ ଏସ୍‌ଆର୍ ମଲ୍‌ରେ ରହିଥିବା ଓର୍‌ମାସ୍ ଷ୍ଟଲ୍‌ରେ ମଧ୍ୟ ମାଣ୍ଡିଆର ବିଭିନ୍ନ ସାମଗ୍ରୀ ମିଳିପାରିବ ବୋଲି ଓର୍‌ମାସ୍ ଏଫ୍‌ପିଓର ସିଇଓ ସୁବାଷିତ ପାତ୍ର କହିଛନ୍ତି । ସେ କହିଛନ୍ତି, ଜିଲାରେ ଓର୍‌ମାସ୍‌ର ୬ଟି ଏଫ୍‌ପିଓ ରହିଛି। ପ୍ରତ୍ୟେକ ଏଫ୍‌ପିଓରେ ୩୦୦ ଚାଷୀ ରହିଥିବା ବେଳେ ସେଥିରୁ ୧୦୦ ଜଣ ମାଣ୍ଡିଆ ନଡୁବା ସୁଆଁ ଚାଷ କରନ୍ତି । ଏହି ଚାଷୀଙ୍କଠାରୁ ଆମେ ମାଣ୍ଡିଆ ଏବଂ ସୁଆଁ ସଂଗ୍ରହ କରି କୋରାପୁଟ ମିଲେଟ୍ ବ୍ୟାଙ୍କକୁ ଯୋଗାଇବୁ ଓ ଏଥିରୁ ସେ ପ୍ରସ୍ତୁତ କରୁଥିବା ମିଠା ଏବଂ ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ଆମେ ନେଇ ମାର୍କେଟିଂ କରିବୁ। ଯଦ୍ୱାରା ଆମ ଜିଲାର ମାଣ୍ଡିଆ ଏବଂ ସୁଆଁ ଚାଷୀ ସେମାନଙ୍କ ଉଚିତ ମୂଲ୍ୟ ପାଇବା ସହ କୋରାପୁଟ ମାଣ୍ଡିଆର ମଧ୍ୟ ବ୍ୟବସାୟ ବୃଦ୍ଧି ହେବ । ଭୁବନେଶ୍ୱର ବସ୍‌ଷ୍ଟାଣ୍ଡରେ ଓର୍‌ମାସ୍ ଷ୍ଟଲ୍, ବିଭିନ୍ନ ଜିଲାରେ ଚାଲିଥିବା ମେଳାର ପ୍ରଦର୍ଶନୀ ଷ୍ଟଲ୍ ଏବଂ ମିଶନ୍ ଶକ୍ତିର ବିଭିନ୍ନ କାଫେଗୁଡ଼ିକରେ ମଧ୍ୟ ଆମର ଏଭଳି ଉତ୍ପାଦ ବିକ୍ରି କରାଯାଉଥିବା ସେ କହିଛନ୍ତି । ଶୁକ୍ରବାର ଜୟପୁର ନିକଟସ୍ଥ ବାରିଣୀପୁଟଠାରେ ଥିବା କୋରାପୁଟ ମାଣ୍ଡିଆ ବ୍ୟାଙ୍କର ପ୍ରଥମ ପ୍ରତିଷ୍ଠା ଦିବସ ଥିଲା । ଏହି ଅବସରରେ ବ୍ୟାଙ୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ମହାନ୍ତି, ମିଲେଟ୍ ଉପଦେଷ୍ଟା ତାପସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲା କୃଷି ଅଧିକାରୀ ଲୋଚନ ମାଝୀ, ବିହନ ସଂରକ୍ଷକ ଶଙ୍କର ପଟ୍ଟନାୟକ, ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି, ରାଇମତି ଘିଉରିଆ ପ୍ରମୁଖ ଯୋଗ ଦେଇଥିଲେ । ମାଣ୍ଡିଆ ବ୍ୟାଙ୍କର ପ୍ରତିଷ୍ଠାତା ଜଗନ୍ନାଥ ଚିନ୍ନାରି କହିଛନ୍ତି, ଆଜିର ଦିନରେ ଗତବର୍ଷ କୋରାପୁଟ ମିଲେଟ୍‌ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା। ବର୍ଷେ ମଧ୍ୟରେ ଏହାର ବିଭିନ୍ନ ଉତ୍ପାଦ ଅନ୍ ଲାଇନ୍‌ରେ ବିକ୍ରି ପାଇଁ ଏବେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। କୋରାପୁଟ ଚାଷୀଙ୍କ ମାଣ୍ଡିଆ ଦେଶ ବିଦେଶରେ ପହଞ୍ଚିବ। ପୂର୍ବରୁ କୋରାପୁଟ କଫିକୁ ନେଇ ଦେଶ ବିଦେଶରେ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ କୋରାପୁଟ ମାଣ୍ଡିଆ ଅନ୍ ଲାଇନ୍ ମାଧ୍ୟମରେ ମିଳିବା ଦ୍ୱାରା ବେଶ୍ ଆଦୃତ ହେବ।

# ଥାନାରେ ଅଭିଯୋଗକଲେ ମହିଳା



ଏତଲା ଦେବାକୁ ଆସିଥିବା ମହିଳା ଓ ଅନ୍ୟମାନେ।

ମାଲକାନଗିରି, ୩୧।୫(ଦୁର୍ଯ୍ୟୋଧନ ପାତ୍ର)

**ୟୁନିଟି ଇସ୍ଲାଇଲ ଫାଇନାନ୍ସର ପରିଚାଳକ, କର୍ମଚାରୀଙ୍କ ଦୁର୍ବ୍ୟବହାର**

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଏମ୍‌ଭି- ୨୬ ଗ୍ରାମର ଜଣେ ମହିଳା ୟୁନିଟି ଇସ୍ଲାଏଲ ଫାଇନାନ୍ସର ପରିଚାଳକ ଓ କର୍ମଚାରୀଙ୍କ ବିରୋଧରେ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ଲିପିକା ମଣ୍ଡଳ ୟୁନିଟି ଇସ୍ଲାଏଲ ଫାଇନାନ୍ସରୁ ୪୦ ହଜାର ଟଙ୍କା ଗ୍ରୁପ୍ ଋଣ ଉଠାଇଥିଲେ। ପ୍ରତିମାସରେ ସେ ଠିକ୍ ସମୟରେ ମାସିକ କିସ୍ତି ବାନ୍ଧି ଆସୁଥିଲେ। ମାତ୍ର ବିଶେଷ ଅସୁବିଧା ହେତୁ ସେ ଗତ ୨/୩ ମାସ କିସ୍ତି ବାନ୍ଧିପାରିଲେ ନାହିଁ। ତେବେ ଗୁରୁବାର ଉକ୍ତ ଫାଇନାନ୍ସର ପରିଚାଳକ ଶଶିକାନ୍ତ ପ୍ରଧାନ ଓ କର୍ମଚାରୀ ଦେବାଶିଷ ଦେବନାଥ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତି ସମୟରେ ଘରକୁ ଆସି କିସ୍ତି ଟଙ୍କା ମାଗିଥିଲେ। ମହିଳା ଜଣକ ବର୍ତ୍ତମାନ ଅସୁବିଧା ଥିବାରୁ କିଛିଦିନ ସମୟ ମାଗିଥିଲେ। ଏହାର ଉତ୍ତରରେ ପରିଚାଳକ ପ୍ରଧାନ ତୁମେ ଟଙ୍କା ବାନ୍ଧିବା ଦରକାର ନାହିଁ କହି ମନ୍ଦ ଉଦ୍ଦେଶ୍ୟ ରଖି ମହିଳାଙ୍କ ହାତ ଧରି ଘର ଭିତରକୁ ଟାଣି ନେଇଥିଲେ। ପରେ ମହିଳା ଜଣଙ୍କ ପାଟି କରିବାରୁ ତାଙ୍କ ଶ୍ୱଶୁର ଅଧୀର ମଣ୍ଡଳ ଓ ଆଖପାଖ ଅଞ୍ଚଳର ଲୋକେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ସେମାନଙ୍କୁ ଦେଖି ପରିଚାଳକ ପ୍ରଧାନ ଓ କର୍ମଚାରୀ ଦେବନାଥ ଫେରାର ହୋଇଯାଇଥିଲେ ବୋଲି ମହିଳା ଜଣକ ପ୍ରଦତ୍ତ ଏତଲାରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତିକରି ମାମଲା ରୁଜୁକରି ଏହାର ତଦନ୍ତ କରାଯିବ ବୋଲି ମାଲକାନଗିରି ପୋଲିସ କହିଛି।

**ସଂକ୍ଷେପରେ**

## କ୍ରଶର ମାଲିକଙ୍କୁ ଚାନ୍ଦା ମାଗି ୨ ଗିରଫ

ବୋରିଗୁମ୍ମା,୩୧।୫(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଞ୍ଚଳରେ ଥିବା ଜଣେ କ୍ରଶର ମାଲିକଙ୍କୁ ଚାନ୍ଦା ମାଗି ୨ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଲକିନାଥ ଗୌଡ଼(୨୫) ଓ ପ୍ରଶାନ୍ତ ଗୌଡ଼(୨୪) ବୋଲି ଆଇଆଇସି ଯୁଗଳ କିଶୋର ସା କହିଛନ୍ତି। ଖବରରୁ ଜଣାପଡ଼ିଛି, ବୋରିଗୁମ୍ମା ସହରରେ ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କ ଗୋଟିଏ କ୍ରଶର ରହିଛି। ଗତ ୧୮ତାରିଖ ରାତି ୮.୪୫ରେ ଜୟନ୍ତୀଗିରି ଉପରସାହିର ଲକିନାଥ ଓ ପ୍ରଶାନ୍ତ ଦୁହେଁ ମହେନ୍ଦ୍ରଙ୍କୁ ଫୋନ ଯୋଗେ ଚାନ୍ଦା ମାଗିଥିଲେ। ଯଦି ଟଙ୍କା ନ ଦେବେ ତେବେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ପୁଣି ୧୯ ତାରିଖରେ ଉଭୟେ ମହେନ୍ଦ୍ରଙ୍କୁ ଫୋନ୍ କରି ଟଙ୍କା ନ ଦେଲେ ତୋ' ପୁଅକୁ ସ୍କୁଲରୁ ଅପହରଣ କରିନେବୁ ବୋଲି ହିନ୍ଦୀ ଭାଷାରେ କହିଥିଲେ। ଶେଷରେ ମହେନ୍ଦ୍ର ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ସା ଫୋନ ଆସିଥିବା ମୋବାଇଲ ନମ୍ବରକୁ ଟ୍ରାକ୍ କରି ଲକିନାଥ ଓ ପ୍ରଶାନ୍ତଙ୍କୁ ଗିରଫ କରିଥିଲେ। କେସ୍ ନଂ. ୧୨୧ /୨୪। ଗିରଫ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ଚୋରି କରି ଯୁବକ ଗିରଫ




କୁନ୍ଦୁରା,୩୧।୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ଚୋରି କରିଥିବା ଯୁବକଙ୍କୁ କୁନ୍ଦୁରା ପୋଲିସ ଗିରଫ କରିଛି। ସେ ହେଲେ ଜୟପୁର ବ୍ଲକ ଉମୁରି ଗ୍ରାମର କୁନୁ ହାଲବା। କୁନୁ ଏହି କାର୍ଯ୍ୟ କରିଥିବା ନେଇ ସନ୍ଧାନୀ କୁକୁର ମାଧ୍ୟମରେ ଅନୁସନ୍ଧାନ କରି ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଛି। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ତାଙ୍କଠାରୁ ୧୩୩୫ ଟଙ୍କା ଜବତ ହୋଇଛି। କେସ୍ ନଂ. ୭୦/୨୪। ସୂଚନାଯୋଗ୍ୟ ବିଗତ ଦିନରେ ଏହି ମନ୍ଦିରରର ହୁଣ୍ଡିରୁ ୨ ଥର ଚୋରି ହୋଇଥିଲା। ମାତ୍ର ଅଭିଯୁକ୍ତ ଧରା ପଡି ନ ଥିଲା। ଏଥର ପୋଲିସ ସିସିଟିଭି ଯାଞ୍ଚ କରିକୁନୁଙ୍କୁ ଧରିଥିବା ଜଣାପଡିଛି।

## କଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୩୧।୫(ପବନ ପାଣିଗ୍ରାହୀ)

ଦେଶୀମଦ ପ୍ରସ୍ତୁତକରି ଲୁଚାଇ ରଖିଥିବା ସୂଚନା ପାଇ ଶୁକ୍ରବାର ଅବକାରୀ କର୍ମଚାରୀ ଓ ପୋଲିସ କଳାଗୁଡା ଜଙ୍ଗଲରେ ଚଢ଼ାଉ କରିଥିଲେ। ଚଢ଼ାଉ ସମ୍ପର୍କରେ ଜାଣିପାରି ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। କର୍ମଚାରୀମାନେ ୪ଟି ମଦଭାଟି ଭାଙ୍ଗିବା ସହ ୧ ହଜାର ୧ ଶହ ଲିଟର ପୋଚ ଓ ୧୫୦ ଲିଟର ଦେଶୀ ମଦ ଜବତକରି ନଷ୍ଟ କରିଥିଲେ। ମଦରନ୍ଧା ସରଞ୍ଜାମ, ଡ୍ରମ୍ ଆଦି ଜବତକରି କର୍ମଚାରୀମାନେ ଫେରିଥିବା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

# ସ୍ଥାୟୀ ମନ୍ଦିରକୁ ଫେରିଲେ ମା'ଗାଙ୍ଗମା

**ସରିଲା ମା' ଗାଙ୍ଗମାଙ୍କ ନବରାତ୍ର ଘଟଯାତ୍ରା**

ପଟାଙ୍ଗି, ୩୧।୫(ଶରତ ଧଳ )



୧ ସପ୍ତାହରୁ ଅଧିକ ଦିନ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା ପାଇ ସ୍ଥାୟୀ ମନ୍ଦିରକୁ ମା' ଗାଙ୍ଗମା ଫେରିଛନ୍ତି। ଫଳରେ କୋରାପୁଟ ଜିଲା ପଟାଙ୍ଗି ବ୍ଲକ ସଦର ମହକୁମାରେ ଗତ ୨୦ ତାରିଖରୁ ଚାଲିଥିବା ଗ୍ରାମ ଦେବୀ ମା' ଗାଙ୍ଗମାଙ୍କ ନବରାତ୍ର ଘଟଯାତ୍ରା ଶେଷ ହୋଇଛି। ଘଟଯାତ୍ରା ସମୟରେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ରହିଥିବା ଅସ୍ଥାୟୀ ମଣ୍ଡପରେ ମା'ଗ୍ରାମବାସୀଙ୍କୁ ଦର୍ଶନଦେଇ ପୂଜା ପାଇଥିଲେ। ଦ୍ୱିତୀୟ ଦିନ ମା' ନିଜ ମାତୃଘରକୁ ଭ୍ରମଣ କରିଥିଲେ। ମା'ଙ୍କ ଏହି ନବରାତ୍ର ଘଟଯାତ୍ରା ସମୟରେ ମା' ୪ ଦିନ ବ୍ଲକ ସଦର ମହକୁମାର ୯ ଖଣ୍ଡ ଗ୍ରାମ ପରିକ୍ରମା କରିଥିଲେ। ଏହି ସମୟରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହ ଅନେକ ମାନସିକଧାରୀ ଘଟହାଣ୍ଡି ମା'ଙ୍କୁ ପ୍ରଦାନ କରିଥିଲେ। ଏହି ଘଟଯାତ୍ରାରେ ୭୩ ଘଟହାଣ୍ଡି ମିଳିଥିବା ଜଣାପଡିଛି। ମା'ଙ୍କ ଏହି ନବରାତ୍ର ଘଟଯାତ୍ରା ସମୟରେ ସୁଦୂର ବ୍ରହ୍ମପୁରରୁ ଆସିଥିବା ଅପେରା, ମେଲୋଡି ସହ ନବରଙ୍ଗପୁର ଜିଲା ତଥା ଅନ୍ୟ ବ୍ଲକ୍‌ରୁ କଳାକାରମାନେ ଆଦିବାସୀ ନାଟକ ପରିବେଷଣ କରିଥିଲେ। ଅନ୍ୟାନ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଘଟଯାତ୍ରା ସମୟରେ ସଭାପତି ତଥା ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ବିଡିଓ ସୁକାନ୍ତ ପଟ୍ଟନାୟକ, ଥାନା ଅଧିକାରୀ ଚତୁର୍ଭୁଜ ନାୟକ, ଯାତ୍ରା କମିଟି ସମ୍ପାଦକ ମାଧବ ପୂଜାରୀ, କୋଷାଧ୍ୟକ୍ଷ ପ୍ରଭାକର ସାହୁ, ପୂର୍ବତନ ସରପଞ୍ଚ ଭଗବାନ ଖରା, କୃଷ୍ଣଚନ୍ଦ୍ର ଜାନି ଯାତ୍ରା ପରିଚାଳନା କରୁଥିଲେ। ଗ୍ରାମ ମୁଖିଆ ମୁର୍ଜା ବଡ, ୯ ଖଣ୍ଡ ଗ୍ରାମର ନାୟକ ଉପସ୍ଥିତ ଥିଲେ।

# ମାଟିତଳୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

କୋରାପୁଟ/ନାରାୟଣପାଟଣା,୩୧।୫
(ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ବିଜାଘାଟି ପଞ୍ଚାୟତ ଅନ୍ତର୍ଗତ କଲମ ଗ୍ରାମଠାରୁ ୩ କି.ମି. ଦୂର ରାସ୍ତା କଡ଼ରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ଏହି ମୃତଦେହ ପୋତାଯାଇଥିବା ନେଇ ସ୍ଥାନୀୟ ସରପଞ୍ଚଙ୍କଠାରୁ ସୂଚନା ପାଇ ପୋଲିସ, ସାଇଣ୍ଟିଫିକ ଟିମ ଓ ମାଜିଷ୍ଟ୍ରେଟ ପହଞ୍ଚି ମାଟିତଳୁ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛନ୍ତି।

ପ୍ରକାଶ ଯେ, ଗୁରୁବାର ସକାଳୁ କଲମ ଗ୍ରାମର କେତେ ଜଣ ଲୋକ ଜଙ୍ଗଲକୁ ଆମ୍ବ ସଂଗ୍ରହ କରିବାକୁ ଯାଇଥିଲେ। ସେହି ସମୟରେ ଆଖପାଖ ଅଞ୍ଚଳରେ ଦୁର୍ଗନ୍ଧ ହେଉଥିବା ଜାଣି ଏହା କେଉଁଠୁ ଆସୁଛି ଖୋଜାଖୋଜି କରି ସେଠାରେ ପହଞ୍ଚିଥିଲେ। ମାଟି ତଳେ ପୋତା ହୋଇଥିବା ଏକ ମୃତଦେହର ଗୋଡ଼ ଦେଖାଯାଉଥିବାରୁ ସମସ୍ତେ ଭୟଭୀତ ହୋଇ ଗ୍ରାମକୁ ଖବର ଦେଇଥିଲେ। ମୃତଦେହଟି ଗ୍ରାମର କାହାର ହୋଇ ନ ଥିବା ବେଳେ କିଏ ଓ କାହାର ମୃତଦେହ ହେଇଥିବ ସେ ନେଇ ଗ୍ରାମବାସୀ ସରପଞ୍ଚଙ୍କୁ ଜଣାଇଥିଲେ। ଶୁକ୍ରବାର ବିଜାଘାଟି ସରପଞ୍ଚ ସ୍ଥାନୀୟ ପୋଲିସକୁ ମାଟି ତଳେ ଏକ ମୃତଦେହ ପୋତାଯାଇଥିବା ସୂଚନା ଦେବା ପରେ ଥାନା ଅଧିକାରୀ ସୁଷମା କହଁରଙ୍କ ନେତୃତ୍ୱରେ ଏକ ଟିମ୍, ମାଜିଷ୍ଟ୍ରେଟ ତଥା ସ୍ଥାନୀୟ ତହସିଲଦାର ସଙ୍ଗିତା ସେନଙ୍କ ଉପସ୍ଥିତିରେ ଜଙ୍ଗଲରେ ପହଞ୍ଚି ମାଟିତଳୁ ମୃତଦେହ ବାହାର କରିଥିଲେ। ଏହି ମୃତଦେହକୁ ଚିହ୍ନିବା କଷ୍ଟକର ହେଉଥିବା ବେଳେ ଏହା କୌଣସି ପୁରୁଷର ବୋଲି ଜଣା ପଡ଼ିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସୂଚନା ମିଳିଛି। ମୃତଦେହର ମୁଣ୍ଡ ଓ ଶରୀରର କେତେକ ସ୍ଥାନରେ ଆହତ ହେବାର ଚିହ୍ନ ରହିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆଖ ପାଖ ଗ୍ରାମ ସହ ବିଭିନ୍ନ ଥାନାକୁ ଖବର ଦେଇଛି ।

# ତଦନ୍ତ ପାଇଁ ଗ୍ରାମରେ ପହଞ୍ଚିଲା ପ୍ରଶାସନ



ତଦନ୍ତ ପାଇଁ ଗ୍ରାମରେ ପହଞ୍ଚିଥିବା ଅଧିକାରୀମାନେ ଗ୍ରାମବାସୀଙ୍କୁ ପଚରାଉଚରା କରୁଛନ୍ତି।

ଦଶମନ୍ତପୁର,୩୧।୫ (ଅରବିନ୍ଦ ନାୟକ)

**ଧରିତ୍ରୀ ପ୍ରଭାବ**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଚଣାବାଡ଼ ପଞ୍ଚାୟତର ଗିର୍ଲିପୁଟ ଗ୍ରାମରେ ଫୁଲଝାଡୁ ଚାଷରେ ହୋଇଥିବା ଦୁର୍ନୀତି ନେଇ ଖବର ପ୍ରକାଶ ପରେ ଏହାର ତଦନ୍ତ ପାଇଁ ଗ୍ରାମରେ ଶୁକ୍ରବାର ବିଭାଗୀୟ ପ୍ରଶାସନିକ ଅଧିକାରୀ ପହଞ୍ଚିଛନ୍ତି। ଫୁଲଝାଡୁ ଚାଷରେ ଗ୍ରାମର ପ୍ରାୟ ୨୦ ଜଣ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ ମଧ୍ୟ ଦୀର୍ଘଦିନ ହେଲା ସେମାନଙ୍କ ମଜୁରି ପାଇ ନ ଥିଲେ। ଏନେଇ ୨୫।୫।୨୪ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ସାମାଜିକ କର୍ମୀ ଦୀପା ବାରିକ ଟୁଇଟ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଆଇଟିଡିଏ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଘଟଣାର ତଦନ୍ତ ପାଇଁ ସମ୍ପୃକ୍ତ ଗ୍ରାମରେ ଆଦିବାସୀ ଉନ୍ନୟନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ଅଧିକାରୀ ଶିବ ବେହେରା, ବିଏଲ୍‌ଇ ରଞ୍ଜିତ ଦେବତା ଏବଂ ସମ୍ପୃକ୍ତ କାର୍ଯ୍ୟର ମେଟ ଅନନ୍ତ ଖରା ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତରୁ ଶ୍ରମିକମାନଙ୍କ ପ୍ରାପ୍ୟ ଏମ୍‌ଜିଏନ୍‌ଆରଇଜିଏସ୍ ପକ୍ଷରୁ ସେମାନଙ୍କ ଜମାଖାତାରେ ଜାମା ହୋଇଥିବା ଜଣାପଡିଥିଲା। ତେବେ ବିଭିନ୍ନ କାର୍ଯ୍ୟର ପ୍ରାପ୍ୟ ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ଆସୁଥିବାରୁ ଏହା କେଉଁ କାର୍ଯ୍ୟର ଅର୍ଥ ଆମେ କିପରି ଜାଣିବୁ ବୋଲି ଗ୍ରାମବାସୀ ପ୍ରକାଶ କରି ଏଣିକି ଆମର କିଛି ଅଭିଯୋଗ ନାହିଁ ବୋଲି ଗ୍ରାମବାସୀ ଉରିୟ ସାଉଁନ୍ତା, ବିଜୟ ସାଉଁନ୍ତା, ଗୋବିନ୍ଦ ଜାନି, ପାର୍ବ ଜାନି, ଦୁଦା ଜାନି, ମଙ୍ଗରାଜ ଜାନି, ପୁଷ୍ଟ ସାଉଁନ୍ତା, ପାଲ ସାଉଁନ୍ତା, ଲବ ସାଉଁନ୍ତା କହିଛନ୍ତି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ, ୨୦ ହଜାର ଜରିମାନା

ଜୟପୁର,୩୧।୫(ପବନ ପାଣିଗ୍ରାହୀ)

**ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା**

ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି ଶୁକ୍ରବାର ଜୟପୁରସ୍ଥିତ ପୋକ୍ସୋ କୋର୍ଟରେ ହୋଇଛି। ୨୦୧୪ରେ କୋରାପୁଟ ଜିଲା ପଟାଙ୍ଗି ଥାନା ଅଞ୍ଚଳରେ ଏପରି ଘଟଣା ଘଟିଥିଲା। ମାମଲାର ବିଚାରକରି ବିଚାରପତି ୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଓ ୧୦ଟି ଦସ୍ତାବିଜକୁ ଭିତ୍ତି କରି ଅଭିଯୁକ୍ତ ପଣ୍ଡେଇ ଗ୍ରାମର ଜଗୁ ଆଡକାଟିଆ (୩୮)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା ହୋଇଛି। ଏହା ଅନାଦାୟ ହେଲେ ଅଧିକ ୧୨ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ସରକାରଙ୍କ ପକ୍ଷରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୩।୬।୨୦୧୪ରେ ସମ୍ପୃକ୍ତା ନାବାଳିକା ସନ୍ଧ୍ୟା ସମୟରେ ପାଖରେ ଥିବା ପଡ଼ିଆକୁ ଶୌଚହେବାକୁ ଯାଇଥିବା ବେଳେ ଜଗୁ ଆଡ଼କାଟିଆ ତାଙ୍କ ସହଯୋଗୀଙ୍କ ସହ ନାବାଳିକାଙ୍କୁ ଅପହରଣକରି ନେଇଥିଲେ। ପାଟି କଲେ ଜୀବନରୁ ମାରିଦେବାକୁ ଧମକଦେଇ ଅନ୍ୟ ଏକ ଗ୍ରାମକୁ ନେଇ ଜଣକ ଘରେ ରଖି ବଳାତ୍କାର କରିଥିଲେ। ପରେ ଜଗୁ ତାଙ୍କୁ ନିଜ ଘରକୁ ନେଇ ପୁଣି ତାଙ୍କୁ ବଳାତ୍କାର କରିଥିଲେ। ତା' ପରଦିନ ନାବାଳିକାଙ୍କୁ ଆଣି ଗ୍ରାମ ରାସ୍ତାରେ ଛାଡ଼ି ଚାଲିଯାଇଥିଲେ। ନାବାଳିକା ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଏ ନେଇ ଜଗୁଙ୍କୁ ପଚାରିଥିଲେ। ଜଗୁ ସେମାନଙ୍କୁ ଥାନାରେ ଅଭିଯୋଗକଲେ ମାରିଦେବାକୁ ଧମକଚମକ ଦେଇଥିଲେ। ପରେ ନାବାଳିକାଙ୍କ ବାପା ପଟାଙ୍ଗି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଗୁ ଓ ତାଙ୍କ ସହଯୋଗୀଙ୍କ ସମ୍ପୃକ୍ତି ନେଇ ସ୍ପଷ୍ଟହେବା ପରେ ଉଭୟଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ସେବେଠାରୁ ଏହି ମାମଲା ପୋକ୍ସୋ କୋର୍ଟରେ ବିଚାରାଧୀନ ଥିଲା। ଅନ୍ୟପକ୍ଷରେ ସହଯୋଗୀ ଅଭିଯୁକ୍ତ କୋର୍ଟରେ ଅନୁପସ୍ଥିତ ରହିବାରୁ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି । ମାମଲାକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ଡ. ଗାୟତ୍ରୀ ଦେବୀ ପରିଚାଳନା କରୁଥିଲେ।

# ଜିଲା କୋଟିଆ ଆଦିବାସୀ ସମାଜ କମିଟି ପୁନର୍ଗଠିତ

ଚିତ୍ରକୋଣ୍ଡା,୩୧।୫ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା କୋଟିଆ ଆଦିବାସୀ ସମାଜ ବିକାଶ ପରିଷଦ ପକ୍ଷରୁ ଗୁରୁବାର ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ବଡ଼ପଦ୍ମା ପଞ୍ଚାୟତଠାରେ କୋଟିଆ ସମ୍ପ୍ରଦାୟର ଏକ ବୈଠକ ବସିଥିଲା। ବୈଠକରେ ମାଲକାନଗିରି ଜିଲାରେ ବସବାସ କରୁଥିବା ସମସ୍ତ କୋଟିଆ ସମ୍ପ୍ରଦାୟ ଲୋକେ ଉପସ୍ଥିତ ଥିଲେ । ବୈଠକରେ ପୁରୁଣା କମିଟି ଭଙ୍ଗକରାଯାଇ ୨୩ ଜଣିଆ ଏକ ନୂତନ କମିଟି ଗଠନ କରାଯାଇଥିଲା । କମିଟିରେ ସଭାପତି ଭାବରେ କମୁଲୁ ହନ୍ତାଳଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସେହିପରି ଉପସଭାପତି ସଦନ ଖରା, ଆଦୁ ଖରା, ସାଧାରଣ ସମ୍ପାଦକ ରାମଚନ୍ଦ୍ର ଗାଲେଲ, ଯୁଗ୍ମ ସମ୍ପାଦକ ଫୁଲଧର ପୂଜାରୀ, ସାଙ୍ଗଠନିକ ସମ୍ପାଦକ ସନ୍ନ୍ୟାସୀ ଖିଲ, ଗୋପୀନାଥ ଖରା, କୋଷାଧ୍ୟକ୍ଷ ରୂପେ କୃଷ୍ଣ ଖରା ମନୋନୀତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ସଦସ୍ୟା ରୂପେ ଦହନା ଟାଙ୍ଗୁଲ, ରାମଚନ୍ଦ୍ର ଖରା, ରଘୁରାମ ଗୋଲାରି, ପୁରୁଷତି ଖରା, ପାର୍ବତୀ ଶୁକ୍ରି, ଜଗଦିଶ ଟାମର୍ବି, ଲବ କୁର୍ଣ୍ଣାଡି, ସାରଥି ଗୁଣ୍ଟା, ବୁଦ୍ରି ପାଙ୍ଗୀ, ମାଳତୀ ପାଙ୍ଗୀ, ଭାନୁମତି ହନ୍ତାଳ ଓ ଗୁପ୍ତ ଗଲେଲଙ୍କୁ ନିଆଯାଇଛି। ଉପଦେଷ୍ଟା ଭାବରେ ଟିବୁରାମ ଟାଙ୍ଗୁଲ, ଲବ ପୂଜାରୀ ଓ ଡାଲବନ୍ଧୁ ପାଙ୍ଗି ରହିଛନ୍ତି। ନୂତନ କମିଟିର ଶପଥ ଗ୍ରହଣ ଉତ୍ସବ ଆସନ୍ତା ୫ତାରିଖରେ ବଡ଼ପଦ୍ମାଠାରେ ହେବ ବୋଲି ନୂତନ ସଭାପତି କହିଛନ୍ତି। କୋଟିଆ ସମ୍ପ୍ରଦାୟର ପରମ୍ପରା, ସଂସ୍କୃତି, ରୀତିନୀତି କିଭଳି ବଜାୟ ରହିବ, କୋଟିଆ ସମ୍ପ୍ରଦାୟ କିଭଳି ଏକଜୁଟ ହେବ, ସେମାନେ ନିଜ ଅଧିକାର ଯେପରି ପାଇପାରିବେ ସେ ଦିଗରେ କର୍ମକର୍ତ୍ତାମାନେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ଗଙ୍ଗାଧର ଖରା ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଥିବା କୋଟିଆ ସମ୍ପ୍ରଦାୟର ଜନସାଧାରଣ।

# ସତର୍କ ରହିବାକୁ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ

- କୋରାପୁଟ ଜିଲାର ଉପର କୁଟିଙ୍ଗାରେ ଆନ୍ଥ୍ରାକ୍ସ
- ୩ ଜଣଙ୍କ ମଧ୍ୟରୁ ଜଣଙ୍କ ରକ୍ତ ନମୁନା ବାହାରିଲା ପଜିଟିଭ

କୋରାପୁଟ,୩୧।୫(ଅମିତାଭ ବେହେରା)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକର ଉପରକୁଟିଙ୍ଗା ଗ୍ରାମରେ କିଛି ଦିନ ତଳେ ଦେଖାଦେଇଥିବା ଆନ୍ଥ୍ରାକ୍ସ ବର୍ତ୍ତମାନ ନିୟନ୍ତ୍ରଣାଧୀନ ରହିଛି। ଗ୍ରାମରୁ ଆନ୍ଥ୍ରାକ୍ସ ଲକ୍ଷଣ ଥିବା ୩ ଜଣଙ୍କ ବ୍ୟକ୍ତିଙ୍କ ରକ୍ତ ନମୁନା ପରୀକ୍ଷା ପରେ ଜଣଙ୍କ ରକ୍ତରେ ପଜିଟିଭ ରହିଥିବା ରିପୋର୍ଟ ବାହାରିଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଧାଂଶୁ ଗିରି ପ୍ରକାଶ କରିଛନ୍ତି। ଗତ କିଛି ଦିନ ତଳେ ଉପର କୁଟିଙ୍ଗାରେ ଏକ ମୃତ ଗୋରୁର ମାଂସ ଖାଇ ୩ ଜଣ ଆକ୍ରାନ୍ତରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ଲକ୍ଷ୍ମୀପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯିବା ବେଳେ ସେମାନଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ତିନିଜଣଙ୍କ ମଧ୍ୟରୁ ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିବା ବେଳେ ଅନ୍ୟ ଦୁଇଜଣଙ୍କର ନେଗେଟିଭ୍ ଆସିଛି। ବର୍ତ୍ତମାନ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଉକ୍ତ ଗ୍ରାମକୁ ସମ୍ପୂର୍ଣ୍ଣ ଆନ୍ଥ୍ରାକ୍ସ ମୁକ୍ତ କରିବାକୁ ଏପିଡ଼ିମିକି ଜିଲୋଷ୍ଟି ବସନ୍ତ ସ୍ୱାଇଁ ଙ୍କ ନେତୃତ୍ୱରେ ମାଇକ୍ରୋ ଲୋଜିଷ୍ଟି ସ୍ୱାତୀ ପଟ୍ଟନାୟକ, ସୁପରଭାଇଜର କାମରାଜ ପଳାଇ, ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ଏଏନଏମ୍, ଆଶା କର୍ମୀ ଆଦି ଏକ ଟିମ୍ ଉପରକୁଟିଙ୍ଗା ଗ୍ରାମକୁ ଯାଇ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ଗ୍ରାମରେ ବସବାସ କରୁଥିବା ୩୫୭ ପରିବାରର ୧୫୨୩ ଜଣ ଏବଂ ନିକଟସ୍ଥ ବାଲିଙ୍ଗି ଗ୍ରାମର ଗ୍ରାମବାସୀଙ୍କୁ ଟୀକା ପ୍ରଦାନ କରିଛନ୍ତି। ଏହି ରୋଗର ଜୀବାଣୁ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ମାଟିରେ ଜୀବିତ ରହୁଥିବାରୁ ବର୍ଷା ପଡିବା ପରେ କଅଁଳିଆ ଘାସରେ ଏହି ଜୀବାଣୁ ରହି ଗୋରୁଙ୍କ ପେଟକୁ ଯାଇ ସେମାନଙ୍କୁ ଆକ୍ରାନ୍ତ କରିଥାନ୍ତି। ଫଳରେ ସୁସ୍ଥ ଶବଳ ଗୋରୁ ଆନ୍ଥ୍ରାକ୍ସରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥାଏ। ମୃତ ଗୋରୁର ମାଂସ ଖାଇବା ଦ୍ୱାରା ଲୋକେ ଏହି ରୋଗର ଶିକାର ହୋଇଥାନ୍ତି। ଏଥିରୁ ଦୂରେଇ ରହିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାର ଯେଉଁ ଅଞ୍ଚଳରେ ଏହି ଲକ୍ଷଣ ଦେଖାଦେଉଛି ସେହି ଅଞ୍ଚଳରେ ବର୍ଷା ପୂର୍ବରୁ ଟୀକାକରଣ କରାଗଲେ ଏହାକୁ ରୋକାଯାଇ ପାରିବ ବୋଲି ସିଡିଏମଓ ଗିରି କହିଥିଲେ।



ସିଡିଏମଓ ଡା. ସୁଧାଂଶୁ ଗିରି ଓ ଅନ୍ୟ ଅଧିକାରୀମାନେ ଆନ୍ଥ୍ରାକ୍ସଠାରୁ ଦୂରେଇ ରହିବା ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଉଛନ୍ତି।

# ବେଧଡ଼କ ଚାଲିଛି ବେଆଇନ ଇଟାଭାଟି

ରାୟଗଡ଼ା,୩୧।୫(ଆଶିଷ ରଞ୍ଜନ ପଣ୍ଡା)



ଟ୍ରାକ୍ଟରରେ ଇଟା ବୁହାଯାଉଛି।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାଟିରେ ପ୍ରସ୍ତୁତ ଇଟାକୁ ବେଆଇନ ଘୋଷଣା କରିଛନ୍ତି। ତେବେ ରାୟଗଡ଼ା ଜିଲାରେ ବେଧଡକ ଭାବେ ମାଳମାଳ ବେଆଇନ ଇଟାଭାଟି ରହିଛି । ରାୟଗଡ଼ା ସହର ଓ ଏହାର ଉପକଣ୍ଠ ଅଞ୍ଚଳରେ ଶତାଧିକ ଇଟାଭାଟି ରହିଥିବାରୁ ପରିବେଶ ପ୍ରଦୂଷିତ ହେବା ସହ ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ରାୟଗଡ଼ା ତହସିଲ ଅନ୍ତର୍ଗତ ଜଗନ୍ନାଥପୁର, କେରେଡା, ଶେଷଖାଲ, ଜେମାଦେଇପେଣ୍ଠ, ଗାଜିଗାଁ, କାର୍ଲାକଣା, ଅମଳାଭଟ୍ଟା, ମାଲିଗାଁ, ଲାଣ୍ଡା, କଟଲାଗୁଡା, କୋଲନରା ତହସିଲ ଅନ୍ତର୍ଗତ ଦୁଦୁଲି, ଥେରୁବାଲି ନିକଟରେ ମାଳମାଳ ବେଆଇନ ଇଟାଭାଟି ଗଢି ଉଠିଛି। ଏଭଳିକି ବିଭିନ୍ନ ସରକାରୀ ଜଳାଶୟ ନିକଟରେ ମଧ୍ୟ ମନଇଚ୍ଛା ଇଟାଭାଟି କରି ଅଞ୍ଚଳର ଜଳ ପ୍ରବାହ ନଷ୍ଟ କରିବା ସହ ପରିବେଶକୁ ପ୍ରଦୂଷିତ କରୁଥିବା ଅଭିଯୋଗ ହେଉଛି। କିନ୍ତୁ ଇଟାଭାଟି ବ୍ୟବସାୟୀମାନେ ଜିଲାର ବିଭିନ୍ନ ସ୍ଥାନରେ ଏବଂ ଆନ୍ଧ୍ରକୁ ଇଟା ବିକ୍ରିକରି ମାଲାମାଲ ହେଉଛନ୍ତି।

ନିୟମାନୁସାରେ ରାଜପଥଠାରୁ ୫୦୦ ମିଟର, ଜଳଉତ୍ସଠାରୁ ୭୫୦ ମିଟର, ଜନବସତିଠାରୁ ୧୦୦୦ ମିଟର ଦୂରରେ ଇଟାଭାଟି କରାଯିବ। ଇଟାଭାଟିରେ ଚିମିନି ସ୍ଥାପନକରି ଧୂଆଁ ଉପରକୁ ଛଡ଼ାଯିବ। କିନ୍ତୁ ବିଡ଼ମ୍ବନାର ବିଷୟ ଜିଲାରେ ଗୋଟିଏ ମଧ୍ୟ ଚିମିନି ଥିବା ଇଟାଭାଟି ନାହିଁ। ଗରମ ଧୂଆଁ ଓ ନିଆଁର ପ୍ରଭାବରେ ଆଖପାଖ ଜନବସତି ପ୍ରଦୂଷିତ ହେଉଥିଲେ ମଧ୍ୟ ବିଭାଗୀୟ ଅଫିସର ଓ କର୍ମଚାରୀମାନେ ନୀରବ ରହୁଥିବା ଅଭିଯୋଗ ହେଉଛି। କେହି ଅଭିଯୋଗକଲେ ତହସିଲ କର୍ମଚାରୀମାନେ ଲୋକଦେଖାଣିଆ ଭାବେ କେତେବେଳେ କେମିତି ଚଢ଼ାଉକରି ଭାଟି ମାଲିକଙ୍କଠାରୁ କିଛି ଜରିମାନା ଆଦାୟ କରି ଚୁପ୍ ରହୁଥିବା ଦେଖିବାକୁ ମିଳୁଛି। ତେବେ ଏ ନେଇ ରାଜସ୍ୱ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଞ୍ଚଳବାସୀ

- ପରିବେଶ ପ୍ରଦୂଷିତ, ବଢ଼ୁଛି ଗରମ
- ବିଭାଗୀୟ କର୍ତ୍ତୃପକ୍ଷ ନୀରବ

ଅଭିଯୋଗ କରିଛନ୍ତି। ରାୟଗଡ଼ା ସହର ସମେତ କୋଲନରା, ବିଷମକଟକ, ରାମନାଗୁଡା ଓ କଲ୍ୟାଣସିଂହପୁର ତହସିଲ ଅଞ୍ଚଳର ଗୋଚର ଜମି, ସରକାରୀ ଜମି, ନଦୀ, ନାଳ ନିକଟରେ ଇଟାଭାଟି ଗଢି ଉଠିଛି। ସେହିଭଳି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମଧ୍ୟ ଏଥିପ୍ରତି ଦୃଷ୍ଟି ନାହିଁ। ୪ଟି ଜିଲା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ରାୟଗଡ଼ାରେ ଥିଲେ ମଧ୍ୟ କର୍ତ୍ତୃପକ୍ଷ ନିଦାବିଷ୍ଣୁ ସାଜିଛନ୍ତି। ରାଜସ୍ୱ ଓ ପ୍ରଦୂଷଣ ବିଭାଗର କୋହଳ ମନୋବୃତ୍ତି ପାଇଁ ସରକାରୀ ଜମିରେ ମାଫିଆମାନେ ସ୍ୱଳ୍ପ ମଜୁରିରେ ଲୋକଙ୍କୁ ଖଟାଇ ବେଆଇନ ଭାବେ ଇଟାଭାଟି କରି ମାଲାମାଲ ହେଉଛନ୍ତି। ଏପରିକି ଟ୍ରାକ୍ଟରରେ ଦିନତମାମ ଇଟା ଲୋଡ୍ ହୋଇ ଯାଉଛି। ଉକ୍ତ ଟ୍ରାକ୍ଟରର ଚାଳକଙ୍କ ଲାଇସେନ୍ସ ନ ଥିବା ମଧ୍ୟ ଲୋକେ ଅଭିଯୋଗ କରିଛନ୍ତି । ତେବେ ଟ୍ରାକ୍ଟର ଡାଲାରେ ଶ୍ରମିକମାନଙ୍କୁ ବସାଇବାର ନିୟମ ନ ଥିବା ବେଳେ ପ୍ରଚଣ୍ଡ ଖରାରେ ଶ୍ରମିକମାନେ ଡାଲାରେ ବସିଯାଉଥିବା ଦେଖିବାକୁ ମିଳିଛି । ତେଣୁ ଅଞ୍ଚଳରେ ପରିବେଶ ସୁରକ୍ଷା ନିମନ୍ତେ ଏବଂ ଗରମରୁ ରକ୍ଷା ପାଇଁ ଜିଲା ପ୍ରଶାସନ ତୁରନ୍ତ ଏହିସବୁ ବେଆଇନ ଇଟାଭାଟି ନିର୍ମାଣକୁ ବନ୍ଦ କରିବା ପାଇଁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ପଚାରିବାରୁ ଇଟାଭାଟି ପାଇଁ ବର୍ତ୍ତମାନ କୌଣସି ପ୍ରକାର ଅନୁମତି ନାହିଁ। ଯଦି ଏହିଭଳି କିଛି ବେଆଇନ ଇଟାଭାଟି ଜିଲାରେ ଚାଲିଛି ତେବେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## କେରଳରେ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ

ଟିକିରି, ୩୧।୫(ପ୍ରଫୁଲ୍ଲ କୁମାର ବେହେରା)

- କାଶୀପୁରରେ ପୁଣି ଦାଦନ ଦୁଃଖ
- ତଦନ୍ତ ପାଇଁ ଥାନାରେ ଏତଲା ଦେଲେ ମୃତକଙ୍କ ବାପା

ରାୟଗଡ଼ା ଜିଲାରେ ଦାଦନ ଦୁଃଖ କମିବାର ନାଁ ଧରୁନାହିଁ। କେରଳକୁ କାମ କରିବାକୁ ଯାଇଥିବାବେଳେ ଜିଲାର ଆଉ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଶୀପୁର ଥାନା ଅନ୍ତର୍ଗତ ତଳ ମାଳିଗାଁର ମନିଶ୍ୱର ଗୌଡ଼ଙ୍କ ପୁଅ ଦଳଧର ଗୌଡ଼। ସେ ଗତ ୮ ମାସ ତଳେ କେରଳର କଇକଟ ଜିଲା ପାଇପୁଲି ଥାନା ଅନ୍ତର୍ଗତ ଟିକଡି ଗ୍ରାମରେ ସାଜିଶ ନାମକ ଜଣେ ଠିକାଦାରଙ୍କ ନିକଟରେ କାର୍ଯ୍ୟ କରିବାକୁ ଯାଇଥିଲେ। ଶୁକ୍ରବାର ଅପରାହ୍ଣ ପ୍ରାୟ ୪ଟାରେ ତାଙ୍କ ମୃତଦେହ ସେ ରହୁଥିବା କୋଠରିର ପଙ୍ଖାରେ ଝୁଲୁଥିବା ଅନ୍ୟ କର୍ମଚାରୀମାନେ ଦେଖି ତାଙ୍କ ଘର ଲୋକଙ୍କୁ ଖବର ଦେଇଥିବା ଦଳଧରଙ୍କ ବାପା ମନିଶ୍ୱର କାଶୀପୁର ଥାନାରେ ଏତଲା ଦେଇଛନ୍ତି । ସକାଳେ ପୁଅ ଦଳଧର ତାଙ୍କ ମାଆ ସହ କଥା ହୋଇଥିଲେ। ହଠାତ୍ କିପରି ଅପରାହ୍ଣ ୪ଟାରେ ତାଙ୍କର ମୃତ୍ୟୁ ହେଲା ସେ ନେଇ ସେ ସନ୍ଦେହ ପ୍ରକାଶ କରିଥିବା ଉକ୍ତ ଏତଲାରେ ଦର୍ଶାଇଛନ୍ତି। ପୋଲିସ କେରଳ ଯାଇ ଘଟଣାର ତଦନ୍ତ କରିବାକୁ ମନିଶ୍ୱର ନିବେଦନ କରିଛନ୍ତି ।

## ଗୋଟିଏ ଦିନରେ ଅବସର ନେଲେ ୬ ଶିକ୍ଷକ



ଗୁଡ଼ାରି ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ଗୁଡାରି,୩୧।୫ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ବ୍ଲକ୍‌ରେ କାର୍ଯ୍ୟରତ ୬ ଜଣ ଶିକ୍ଷକ ଶୁକ୍ରବାର କାର୍ଯ୍ୟରୁ ଅବସର ନେଇଛନ୍ତି। ଅବସର ନେଇଥିବା ଶିକ୍ଷକମାନେ ହେଲେ ଗୁଡାରି ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ, ଦେଣ୍ଟୁଗୁଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୁଳପ୍ରସାଦ ଜେନା, ଏମ୍‌କେରାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାନନ୍ଦ କୁମ୍ଭାର, କିନିଡ଼ି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ରଥ, କଦମା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବକୃଷ୍ଣ ଗମାଙ୍ଗ ଏବଂ ଟେଡିକଣା ବିଦ୍ୟାଳୟର ଶିକ୍ଷକ ପର୍ଶୁ ଶବର। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅବସର ନେଇଥିବା ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରକାଶ ଥାଉକି, ବହୁ ବର୍ଷ ପରେ ଗୁଡାରି ସରକାରୀ ହାଇସ୍କୁଲରେ ଜଣେ ନିୟମିତ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଥିଲେ । କିନ୍ତୁ ବର୍ତ୍ତମାନ ସେ ଅବସର ନେବା ପରେ ପୁଣି ବ୍ଲକ୍‌ର ସର୍ବ ପୁରାତନ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଲା।

## ୧୧କେଭି ତାର ସଂସ୍ପର୍ଶରେ ଆସି ୨ ଶ୍ରମିକ ଗୁରୁତର

ଦାମନଯୋଡ଼ି,୩୧।୫(ମାନସ ରଞ୍ଜନ କର)

ଏକ ଘର କାମ ଚାଲିଥିବା ବେଳେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ଦାମନଯୋଡ଼ି ଥାନା ଅଧୀନ ତରଲାବନ୍ଧଗୁଡ଼ା ଗ୍ରାମ ନିକଟରେ ଥିବା ରିଲାଏନ୍ସ ମଲ ପାଖ ଗଳିରେ ଏହି ଦୁର୍ଘଟଣା ଘଟିଛି। ସୂଚନାନୁଯାୟୀ, ଅମିତ ନାୟକ ନାମକ ବ୍ୟକ୍ତିଙ୍କର ଘର କାମ ଚାଲିଛି। ଏହି ଘର ନିକଟରେ ୧୧କେଭି ବିଦ୍ୟୁତ୍ ତାର ଯାଇଛି। କାମ ଚାଲିଥିବାବେଳେ ଉକ୍ତ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସୁଶାନ୍ତ ହରିଜନ(୧୯) ଓ ନିଲା ଗୌଡ଼(୧୮) ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ମାଥଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ପଠାଯାଇଥିବା ସୂଚନା ମିଳିଛି। ନିଲା ପ୍ରାୟ ୬୦ ପ୍ରତିଶତ ଜଳିଯାଇଥିବା ଜଣାପଡ଼ିଛି।

## ଇମ୍ଫାରେ ଆଇନ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଇମ୍ଫା କମ୍ପାନୀର ଅଧିକାରୀ।

ରାୟଗଡ଼ା,୩୧।୫(ଆଶିଷ ରଞ୍ଜନ ପଣ୍ଡା)

ଥେରୁବାଲିସ୍ଥିତ ସ୍ଥାନୀୟ ଇମ୍ଫା କ୍ୟାମ୍ପସ ପରିସରରେ ଥିବା ବିଶ୍ୱକର୍ମା ଭବନରେ ଶୁକ୍ରବାର ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ନିବେଦିତା ପଣ୍ଡା ଅଂଶଗ୍ରହଣ କରିଥିଲେ। ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ କିପରି ତାକୁ ଉଚିତ ବ୍ୟବହାର କରିହେବ ତା' ଉପରେ ସମ୍ପାଦିକା ପଣ୍ଡା ଲୋକମାନଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବାର୍ ଆସୋସିଏଶନର ସଚିବ ବିଶ୍ୱନାଥ ଗନ୍ତାୟତ, ଜିଲା ଆଇନସେବା ପ୍ରାଧିକରଣ ପ୍ୟାନେଲ ଓକିଲ ଶୁଭ୍ରା ପଣ୍ଡା, ସୀତାରାମ ପଣ୍ଡା, ଫ୍ରଣ୍ଟ ଅଫିସ ରିଟେନର କିଶୋର ସାହୁ, ରାୟଗଡ଼ା ମ୍ୟୁନିସିପାଲିଟିର ଏକ୍ସପର୍ଟ ବାଳକୃଷ୍ଣ, ଇମ୍ଫା କମ୍ପାନୀର ପରିଚାଳକ ଏମ୍.ଶ୍ରୀନିବାସ, ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ଶକ୍ତିପ୍ରସାଦ ପାଣିଗ୍ରାହୀ, ବରିଷ୍ଠ ପରିଚାଳକ କ୍ୱାଲିଟି କଣ୍ଟ୍ରୋଲ ପ୍ରଶାନ୍ତ କୁମାର ନାୟକ ଓ ଇମ୍ଫା କାରଖାନାର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଇମ୍ଫା କାରଖାନା ତରଫରୁ କିପରି ବର୍ଜ୍ୟବସ୍ତୁକୁ ପରିଚାଳନା କରାଯାଇପାରିବ ସେ ନେଇ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା।

## ପ୍ରବଳ ଗ୍ରୀଷ୍ମ ପ୍ରବାହ: ସତର୍କ କଲା ଜିଲା ପ୍ରଶାସନ

କୋରାପୁଟ,୩୧।୫(ଅମିତାଭ ବେହେରା)

ଆସନ୍ତା ୩ ଦିନ ଧରି ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନ(ଏସ୍‌ଆରସି) ପକ୍ଷରୁ ସର୍ତକ ସୂଚନା ଶୁକ୍ରବାର ଜାରି କରାଯାଇଛି। ଏନେଇ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଏସ୍‌ଆରସି କୋରାପୁଟ ଜିଲାପାଳ ଭି.କିର୍ତ୍ତୀ ଭାସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲାର ୧୪ଟିଯାକ ବ୍ଲକର ବିଡିଓ ଓ ତହସିଲଦାରମାନଙ୍କୁ ସମସ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲାର ସମସ୍ତ



ମେଡିକାଲରେ ଅଂଶୁଘାତ ନେଇ ବେଡ ସହ ସମସ୍ତ ଜରୁରୀ ଚିକିତ୍ସା ବ୍ୟବସ୍ଥା କରାଯାଇଛି । ଗତ କିଛି ଦିନ ହେଲା ଜିଲାରେ ୩୬ରୁ ୩୮ ଡିଗ୍ରୀ ଯାଏ ତାପମାତ୍ରା ସହ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଜାରି ରହିଛି । ଲୋକେ ଖରା ଗରମରେ କଲବଲ ହେଉଛନ୍ତି। ଏହି ସମୟରେ ବିଦ୍ୟୁତ୍ କାଟ ପରିସ୍ଥିତିକୁ ଜଟିଳ କରିଦେଉଛି। ପାନୀୟ ଜଳ ଯୋଗାଣରେ ଅବବ୍ୟସ୍ଥା ମଧ୍ୟ ଲୋକଙ୍କୁ ଅତିଷ୍ଠ କରିଛି। ସାଧାରଣ ଲୋକେ ଦିନ ୧୧ଟାରୁ ଅପରାହ୍ଣ ୩ଟା ଯାଏ ଜରୁରୀ କାମ ନ ଥିଲେ ପଦାକୁ ନ ବାହାରିବାକୁ ଜିଲା ପ୍ରଶାସନ ପରାମର୍ଶ ଦେଇଛି ।

## ଗୁଡ଼ାରି ପୋଲିସ ପକ୍ଷରୁ ରକ୍ତଦାନ ଶିବିର

ଗୁଡ଼ାରି,୩୧।୫
(ପ୍ରମୋଦ କୁମାର ପତି)



ଗୁଡ଼ାରି ତହସିଲଦାର ରକ୍ତଦାନ କରୁଛନ୍ତି।

ରାୟଗଡ଼ା ଜିଲା ଗୁଡ଼ାରି ପୋଲିସ ପକ୍ଷରୁ ଥାନା ପରିସରରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଏସ୍‌ଡିପିଓ ବାବୁଲି ନାୟକ ଉଦ୍‌ଘାଟନ କରିଥିଲେ। ଥାନା ଅଧିକାରୀ ସ୍ୱାଇଁ, ଗୁଡ଼ାରି ତହସିଲଦାର ଏ. ସ୍ନେହଲତାଙ୍କ ସମେତ ଥାନାର ବହୁ ପୋଲିସ ଅଧିକାରୀ, କର୍ମଚାରୀ ଓ ସାଧାରଣ ଜନତା ରକ୍ତଦାନ କରିଥିଲେ। ପ୍ରତିଟି ରକ୍ତବିନ୍ଦୁ ମଣିଷ ଜୀବନ ପାଇଁ ମହତ୍ତ୍ୱପୂର୍ଣ୍ଣ। ତେଣୁ ଆମ ପୋଲିସ ଭାଇ, ସାଧାରଣ ଜନତା ସାମୂହିକ ଭାବେ ଶିବିରରେ ଯୋଗଦେଇ ରକ୍ତଦାନ କରିବାକୁ ଏସ୍‌ଡିପିଓ ନାୟକ ଅନୁରୋଧ କରିଥିଲେ। ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ମାଥିଲିରେ ସନାତନ ଧର୍ମର ଜିଲାସ୍ତରୀୟ ସମାବେଶ

ମାଲକାନଗିରି, ୩୧।୫(ଦୁର୍ଯ୍ୟୋଧନ ପାତ୍ର)



ଧର୍ମ ସମାବେଶରେ ଉପସ୍ଥିତ ସାଧୁସନ୍ଥମାନେ।

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ମିନି ଷ୍ଟାଡିୟମଠାରେ ସନାତନ ଧର୍ମର ଜିଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଧର୍ମଯାଜକ, ସାଧୁ ଓ ସନ୍ଥମାନେ ଯୋଗଦେଇ ସନାତନ ହିନ୍ଦୁଧର୍ମକୁ ଭାରତବର୍ଷରେ ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକରେ କିପରି ଏକ ଉଚ୍ଚକୋଟୀର ଆଦର୍ଶ ଧର୍ମ ଭାବେ ଉପସ୍ଥାପିତ କରାଯାଇପାରିବ ସେନେଇ ନିଜ ମତ ରଖିଥିଲେ। ଏହି ଧର୍ମସଭାରେ ୩ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା। ସ୍ୱାମୀ କୃଷ୍ଣାନନ୍ଦ ଗିରି, ସ୍ୱାମୀ ଡ. ଶ୍ରୁତିସାଗର ସରସ୍ୱତୀ, ସ୍ୱାମୀ ସଚ୍ଚିଦାନନ୍ଦ ଦାସ, ବିଦ୍ୟାର୍ଥୀ ଦର୍ଶନ କବୀନ୍ଦ୍ର କୁମାର, ରାମନାମ ମନି ବାବା, ବ୍ରହ୍ମ ଅବଧୂତ ସୌଭାଗ୍ୟ ମହାରାଜା, ସ୍ୱାମୀ କୃଷ୍ଣପ୍ରସାଦ ଦାସ, ଆଚାର୍ଯ୍ୟ ମନୁଦେବ, ଆଚାର୍ଯ୍ୟ ରାଜକିଶୋର ଓ ବ୍ରହ୍ମାକୁମାରୀ ଜୟନ୍ତୀ ଭଉଣୀ ସମ୍ମିଳନୀରେ ମୁଖ୍ୟ ଆକର୍ଷକ ଥିଲେ। ଗୋରକ୍ଷା, ସାଧୁସନ୍ଥ ରକ୍ଷା, ଦେଶ ଓ ବନବାସୀ ସମାଜକୁ ଧର୍ମାନ୍ତରୀକରଣରୁ ରୋକିବା ଉପରେ ସାଧୁସନ୍ଥମାନେ ଗୁରୁତ୍ୱାରୋପ କରିଥିଲେ। ସଭାକୁ ସ୍ୱାମୀ ବିଶ୍ୱ ମିତ୍ରାନନ୍ଦ ଗିରି ପରିଚାଳନା କରଥିଲେ। ମାଥିଲି ଅଞ୍ଚଳର ଅନେକ ବ୍ୟକ୍ତିଙ୍କ ସହଯୋଗ କରିଥିଲେ।

## ବାଲ୍ୟବିବାହ ବନ୍ଦ ସମ୍ପର୍କିତ କର୍ମଶାଳା

ମାଲକାନଗିରି, ୩୧।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପରିବର୍ତ୍ତନ ଶିଶୁଗୃହଠାରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଇନ୍ଦିରା ପ୍ରଧାନଙ୍କ ଅଧ୍ୟକ୍ଷତାରେ ବାଲ୍ୟବିବାହ ବନ୍ଦ କରିବା ନେଇ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଡେପୁଟି କଲେକ୍ଟର ଲକ୍ଷ୍ମୀନାରାୟଣ ସାବତ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅନାମ ଲାର୍କା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଓ ଜିଲାର ସମସ୍ତ ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର, ଚାଇଲ୍ଡ ଲାଇନ, ସଖୀର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଶେଷକରି ବାଲ୍ୟବିବାହ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହା ଦ୍ୱାରା କ'ଣ ଅସୁବିଧା ହେଉଛି ଏବଂ ଏହାକୁ ରୋକିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯିବା ଉଚିତ, ସମ୍ପୂର୍ଣ୍ଣ ରୂପେ ମାଲକାନଗିରି ଜିଲାକୁ ବାଲ୍ୟ ବିବାହମୁକ୍ତ କରିବାକୁ କି ପଦକ୍ଷେପମାନ ନେବାକୁ ପଡିବ ସେ ସମ୍ପର୍କରେ କର୍ମଶାଳାରେ ଅତିଥିମାନେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ସମସ୍ତ ଅଧିକାରୀ ଓ କର୍ମଚାରୀ ବାଲ୍ୟବିବାହ ରୋକିବା ଲାଗି ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଶାନ୍ତି କରସୁଧା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥି।

## ଷ୍ଟାଣ୍ଡପୋଷ୍ଟ, ପାଇପ୍‌ରେ ଆସୁଛି ପୋକ ଭର୍ତ୍ତି, ଗୋଳିଆପାଣି

ରାୟଗଡ଼ା,୩୧।୫(ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ା ସହରରେ ଗୁଳୁଗୁଳି ସାଙ୍ଗକୁ ଅସହ୍ୟ ଗରମ ଅନୁଭୂତ ହେଉଥିବାବେଳେ ପାନୀୟ ଜଳ ସଙ୍କଟ ଲୋକଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ବାରମ୍ବାର ବିଦ୍ୟୁତ୍‌କାଟ୍ ଯୋଗୁ ଠିକ୍ ସମୟରେ ଜଳ ଯୋଗାଣ ହୋଇପାରୁ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ରାୟଗଡ଼ା ସହରର ରାମକୃଷ୍ଣ ନଗର, ନୂଆସାହି, ମାରୁତି କଲୋନି, ରାଣୀଗୁଡା ଅଞ୍ଚଳ, ଇନ୍ଦିରାନଗର, ଗାନ୍ଧୀନଗର ସମେତ ସହରର ପ୍ରାୟ ଅଞ୍ଚଳରେ ପାଣିର ଅଭାବ ଦେଖାଦେଇଛି। ତେବେ ସହରରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ବର୍ତ୍ତମାନ ବିଭାଗ ପକ୍ଷରୁ ରାମକୃଷ୍ଣନଗର, ମାରୁତିସାହି, ୟେଦୁସାହି ଓ ନୂଆସାହିରେ ରହିଥିବା ଷ୍ଟାଣ୍ଡପୋଷ୍ଟ ଏବଂ ଘରେ ଲାଗିଥିବା ପାଇପ୍‌ରେ ପୋକ ଭର୍ତ୍ତି ଗୋଳିଆପାଣି ଆସୁଥିବା ଦେଖିବାକୁ ମିଳିଛି। ଗୁରୁବାରଠାରୁ ପାଇପ୍‌ରେ ଗୋଳିଆପାଣି ସହ ଲାଙ୍ଗୁଡିଆ ପୋକ ଭର୍ତ୍ତି ପାଣି ବାହାରୁଥିବା ଅଭିଯୋଗ ହେଉଛି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ଗ୍ରୀଷ୍ମ ତାତି ଅସହ୍ୟ ହୋଇପଡିଥିବା ବେଳେ ପିଇବା ପାଣି ଟୋପାଏ ପାଇଁ ଲୋକେ ହନ୍ତସନ୍ତ ହେଉଥିବା ଦେଖାଦେଇଛି। କମ୍ ସମୟ ପାଣି ଆସୁଥିବାବେଳେ ଦୂଷିତପାଣି ଯୋଗୁ ତାହା ପିଇବା ଯୋଗ୍ୟ ହୋଇପାରୁନାହିଁ। ତେଣୁ ଲୋକେ ବାଧ୍ୟ ହୋଇ ପଡ଼ୋଶୀଙ୍କ ଘରେ ରହିଥିବା ବୋର୍‌ୱେଲ ଉପରେ ନିର୍ଭର କରୁଛନ୍ତି।

**ଗରମ ସାଙ୍ଗକୁ ଦାଉ ସାଧୁଛି ଜଳ ସଙ୍କଟ**

ଏତେ ଖରାରେ ଅନ୍ୟ ଘରକୁ ଯାଇ ଜଳ ସଂଗ୍ରହ କରିବା ଲୋକଙ୍କ ପାଇଁ ବହୁତ କଷ୍ଟକର ହୋଇପଡୁଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ରାୟଗଡ଼ା ପୌର ପରିଷଦକୁ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣି। ଏପରିକି ରାୟଗଡ଼ା ଉନ୍ନତ ସହର ଭାବେ ଅନେକ ଥର ପୁରସ୍କୃତ ମଧ୍ୟ ହୋଇଛି। ହେଲେ ଆଜି ବି ରାୟଗଡ଼ା ସହରରେ ଜଳ ଯୋଗାଣ ବ୍ୟବସ୍ଥା ସୁଦୃଢ ହୋଇପାରିନାହିଁ। ଅନ୍ୟପଟେ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ନୂତନ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର ଏହା ଆରମ୍ଭ ହେବ ବୋଲି କହୁଛନ୍ତି। ତେବେ ପ୍ରତି ବର୍ଷ ଖରା ଦିନରେ ଏଭଳି ଜଳ ସଙ୍କଟ ଓ ପାଇପ୍‌ରେ ଦୂଷିତ ପାଣି ଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ ଏ ନେଇ କୌଣସି ସ୍ଥାୟୀ ସମାଧାନ ହୋଇପାରି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯଦି ଶୀଘ୍ର ଏହାର ସ୍ଥାୟୀ ସମାଧାନ ନ ହୁଏ ତେବେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀଯନ୍ତ୍ରୀ ସହଦେବ କିଷାନଙ୍କୁ ପଚାରିବାରୁ ଅଭିଯୋଗ ଆସିବା ପରେ ସେ ତୁରନ୍ତ ଏହାର ସମାଧାନ ପାଇଁ କର୍ମଚାରୀଙ୍କୁ ଅଞ୍ଚଳକୁ ପଠାଇଛନ୍ତି । କୌଣସି ସ୍ଥାନରେ ଲିକେଜ୍ ଥିବାରୁ ପାଣିରେ ଗୋଳିଆପାଣି ମିଶିବା ଫଳରେ ଏହିଭଳି ପରିସ୍ଥିତି ସୃଷ୍ଟି ହେଉଛି । ତେଣୁ ଜନସାଧାରଣ ମଧ୍ୟ ସଚେତନ ହେବା ଆବଶ୍ୟକ ରହିଛି। ଯଦି କୌଣସି ସ୍ଥାନରେ ପାଇପ ଫାଟି ପାଣି ବାହାରୁଛି ତୁରନ୍ତ ବିଭାଗକୁ ସୂଚନା ଦେଲେ ତାହାର ମରାମତି କରିଦିଆଯିବ ବୋଲି ନିର୍ବାହୀ ଯନ୍ତ୍ରୀ କିଷାନ କହିଛନ୍ତି।

# ଗ୍ରୀନ୍ ଟ୍ୟାଗ୍ ନ ଥାଇ ବିକ୍ରି ହେଉଛି ହାଇବ୍ରିଡ୍ ଧାନ ବିହନ

**ନବରଙ୍ଗପୁର,୩୧।୫(ସଦାଶିବ ପ୍ରହରାଜ)**


ଲାମ୍ପରେ ପଡିରହିଥିବା ସରକାରୀ ଧାନ ବିହନ ।

**ଅଭିଯୋଗ ପରେ ଜିଲା କୃଷି ବିଭାଗ ତତ୍ପର**

- କେବଳ ଲାଇସେନ୍ସପ୍ରାପ୍ତ ବିକ୍ରେତା, ଡିଲର, ରିଟେଲର ବିହନ ବିକିପାରିବେ
- ବେଆଇନଭାବେ ବିହନ ବିକିଲେ ବିଭାଗ ପକ୍ଷରୁ ଚଢ଼ାଉ ହେବ

ନବରଙ୍ଗପୁର ଜିଲାରେ ସରକାରୀ ଧାନ ବିହନ ଅପେକ୍ଷା ବେସରକାରୀ ଧାନ ଓ ମକା ବିହନ ପ୍ରଚୁର ପରିମାଣରେ ବିକ୍ରି ହେବାରେ ଲାଗିଛି। ହାଇବ୍ରିଡ୍ ଧାନ ବିହନ ପ୍ୟାକେଟଗୁଡ଼ିକରେ ଗ୍ରୀନ୍ ଟ୍ୟାଗ୍ ଲାଗୁନାହିଁ। ବେନିୟମ ଭାବେ ବିକ୍ରିବଟା ଚାଲୁଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ତଥା ଜିଲା କୃଷି ବିଭାଗର ନିଘା ନାହିଁ। ବିଭିନ୍ନ ଘରୋଇ କମ୍ପାନୀ ରାଜ୍ୟରୁ ବିହନ ବିକ୍ରି ପାଇଁ ଅନୁମତି ଅଣାଯାଇଛି ବୋଲି କହି ଜିଲା ଭିତରେ ବିନା ଅନୁମତିରେ ହାଇବ୍ରିଡ୍ ନାଁରେ ଧାନ ବିହନ ବିକ୍ରି କରୁଛନ୍ତି। ବିଭିନ୍ନ ଘରୋଇ କମ୍ପାନୀର ଲମ୍ବା ତାଲିକା ରହିଥିଲେ ମଧ୍ୟ କିଛି କମ୍ପାନୀକୁ ଟାର୍ଗେଟକରି ଅନ୍ୟ ବଡ଼ ବଡ଼ କମ୍ପାନୀଙ୍କୁ ଜିଲା କୃଷି ବିଭାଗ ଛାଡ଼ି ଦେଉଛି। ଏହା ପଛରେ ହାତଗୁଣ୍ଡା ରହୁଥିବା ଅଭିଯୋଗ ହେଉଛି।

ଜିଲାରେ ଚଳିତ ବର୍ଷ ୧ ଲକ୍ଷ ୮୬ ହଜାର ୨୮୯ ହେକ୍ଟରରେ ଧାନ, ମକା ଓ ଡାଲି ଜାତୀୟ ଶସ୍ୟ ଆଦି ଚାଷ ହେବ। ୮ ହଜାର ୪୫୨ କୁଇଣ୍ଟାଲ ସରକାରୀ ଧାନ ବିହନ ବିକ୍ରି ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସେହିଭଳି ୮୨ ହଜାର ୯ଶହ ମେଟ୍ରିକ ଟନ ସାର ଜିଲାରେ ବିକ୍ରି ହେବ। ସରକାରୀ ତଥା କୃଷି ବିଭାଗ ପକ୍ଷରୁ ବିକ୍ରି ହେଉଥିବା ଧାନ ବିହନ ପ୍ରତି ଚାଷୀ ବିମୁଖ ରହୁଛନ୍ତି। ଗତ ବର୍ଷମାନଙ୍କୁ ଅନୁଧ୍ୟାନ କଲେ ଜିଲାରେ ରହିଥିବା ଲ୍ୟାମ୍ପଗୁଡ଼ିକ ଚାଷୀଙ୍କୁ ବିହନ ଯୋଗାଇବା ପାଇଁ ବିହନ କେନ୍ଦ୍ରରୁ ଧାନ ଉଠାଇଲେ। ଉକ୍ତ ବିହନକୁ କିନ୍ତୁ ଚାଷୀ କିଣିବାକୁ ଅମଙ୍ଗ ହେଲେ। ଏହାର ମୁଖ୍ୟ କାରଣ ବିହନ ନିମ୍ନମାନର ଓ ଗଜା ଉଠିଲା ନାହିଁ। ଫଳରେ ଲ୍ୟାମ୍ପରେ ବିହନ ପଡ଼ି ରହିଲା। ଜିଲା କୃଷି ବିଭାଗ ଉତ୍ତମ ବିହନ ଯୋଗାଇବା ପ୍ରତି ଗୁରୁତ୍ୱ ନ ଦେବା ଅତି ବିଡମ୍ବନାର ବିଷୟ । ଏହାପରେ ଚାଷୀ ହାଇବ୍ରିଡ୍ ବିହନ କିଣିବାକୁ ବାଧହେଲେ। ନିମ୍ନମାନର ସରକାରୀ ବିହନ ଯୋଗୁ ଘରୋଇ କମ୍ପାନୀଗୁଡ଼ିକ ଜିଲା ଭିତରେ ମୁଣ୍ଡ ଟେକି ଏବେ ଦ୍ୱିଗୁଣ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏହାଦ୍ୱାରା ଚାଷୀ ଶୋଷଣର ଶିକାର ହେଉଛନ୍ତି। କମ୍ପାନୀ, ବିକ୍ରେତା ମାଲାମାଲ ହେଉଥିବାବେଳେ ଚାଷୀ ବିହନ କିଣାରେ କ୍ଷତି ସହୁଛନ୍ତି। ଘରୋଇ କମ୍ପାନୀଗୁଡ଼ିକ ନିଜ ପସନ୍ଦର ଲାବ୍‌ରେ ଧାନ ଓ ମକା ବିହନ ଯାଞ୍ଚକରି ବଜାରରେ ବିକ୍ରି କରୁଛନ୍ତି। ଏହା କେତେ ଦୂର ଠିକ୍ , ଏହାକୁ ବିଭଳି ଅନୁମତି ମିଳିଛି ତାହାର ତଦନ୍ତ କରିବାକୁ ଦାବି ହେଉଛି।

ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କେଟ ରେଡ୍ଡୀଙ୍କୁ ପଚାରିବାରୁ, କେନ୍ଦ୍ର ସରକାର ରାଜଲକ୍ଷ୍ମୀ ଓ ଅଜୟ ଦୁଇଟି କିସମକୁ ହାଇବ୍ରିଡ୍ ଧାନ ବିହନ ମାନ୍ୟତା ଦେଇଛନ୍ତି। ରାଜ୍ୟର ଅନୁମତିରେ ଘରୋଇ କମ୍ପାନୀଗୁଡିକ ଧାନ ବିକ୍ରି କରୁଛନ୍ତି। ଗ୍ରୀନ୍ ଟ୍ୟାଗ୍ ରହୁନାହିଁ କାହିଁକି ବୋଲି ପ୍ରଶ୍ନ କରିବାରୁ ବିଶ୍ୱାସଯୋଗ୍ୟ ଲାବ୍‌ରେ ପରୀକ୍ଷଣ ପରେ ବିକ୍ରି ହେଉଥିବା ହାଇବ୍ରିଡ୍ ଧାନ ପ୍ୟାକେଟ ଉପରେ ଉଲ୍ଲେଖ ରହୁଛି ବୋଲି କହିଛନ୍ତି। ଘରୋଇ କମ୍ପାନୀଗୁଡ଼ିକ ବିହନ ବିକ୍ରିକରି ଫେରିଯାଉଛନ୍ତି। ଅମଳ ଠିକ୍ ନ ହେଲେ ଚାଷୀ କ୍ଷତି ସହୁଛି। ସରକାରୀ ବିହନ ବ୍ୟବହାର କରି ନ ଥିଲେ ଚାଷୀଙ୍କ କୃଷି ବିମା ମଧ୍ୟ ମିଳୁ ନାହିଁ। କୃଷି ବିଭାଗ ନିକଟରେ ତାଲିକା ନ ଥିବା ଓ ବିହନ ଉତ୍ପାଦକମାନେ ଜିଲାରୁ ଅନୁମତି ନ ନେବା ଦ୍ୱାରା ଚାଷୀ କ୍ଷତି ସହି ଆସୁଛି ବୋଲି ପ୍ରଶ୍ନ କରିବାରୁ ସେ କହିଛନ୍ତି, ପାପଡାହାଣ୍ଡିର ସାମାଜିକ କର୍ମୀ ବିଭୂତି ପ୍ରସାଦ ପଣ୍ଡା ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ୨୭ ତାରିଖରେ ଘରୋଇ ବିହନ ଉତ୍ପାଦକଙ୍କୁ ନେଇ ବୈଠକ କରାଯାଇଥିଲା। ବ୍ଲକ୍‌ସ୍ତରରେ ବୈଠକ କରାଯାଇଛି। ଲାଇସେନ୍ସପ୍ରାପ୍ତ ବିହନ ବିକ୍ରେତା, ଡିଲର ଓ ରିଟେଲର ବିହନ ବିକ୍ରି କରିପାରିବେ। ଅନ୍ୟମାନେ ବିକ୍ରିକଲେ ତାହା ଉପରେ ଚଢାଉ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଡିଲର କେତେ ସରକାରୀ ଓ ବେସରକାରୀ ବିହନ ବିକ୍ରି କଲେ ପ୍ରତିଦିନ ଅନ୍‌ଲାଇନ ମାଧ୍ୟମରେ ଜଣାଇବେ। ଘରୋଇ କମ୍ପାନୀଗୁଡ଼ିକ ଯେଉଁ ବିହନ ବିକ୍ରି କରୁଛନ୍ତି ତାହାର ଡିଏନ୍‌ଏ ପରୀକ୍ଷଣ ହେବ। ତେବେ ଜିଲାରେ ୩୭୫ ଜଣ ସାର ଓ ୪୮୦ ଜଣ ବିହନ ବିକ୍ରି ପାଇଁ ଲାଇସେନ୍ସ ପାଇଛନ୍ତି। ସେଥିମଧ୍ୟରୁ କେତେଜଣଙ୍କ ଲାଇସେନ୍ସ ନବୀକରଣ ହୋଇ ନ ଥିବା ସେ କହିଛନ୍ତି।

# ଖବର ପହଞ୍ଚାଇ ସମାଧାନ ବାଟ ଦେଖାଉଥିଲେ ନାରଦ


ବୈଠକରେ ଉପସ୍ଥିତ ଅତିଥିମାନେ।

**ଦେବର୍ଷି ନାରଦ ଜୟନ୍ତୀ ପାଳିତ**

**ନବରଙ୍ଗପୁର,୩୧।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ପ୍ରେସ୍ କ୍ଲବଠାରେ ଦେବର୍ଷି ନାରଦ ଜୟନ୍ତୀ ପାଳନ କରାଯାଇଛି। ଡ. ବିପିନ ବିହାରୀ ମିଶ୍ର ମୁଖ୍ୟବକ୍ତା, ଖବରଦାତା ବାଙ୍କବିହାରୀ ବିଷୋୟୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଏ.ସତୀଶ ଯୋଗଦେଇଥିଲେ। ବିକ୍ରମ ଜୈନ ମଞ୍ଚ ପରିଚାଳନା କରିଥିଲେ। ସଭାର ପ୍ରଥମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ପ୍ରାନ୍ତ କୁଟୁମ୍ବ ପ୍ରବୋଧନ ପ୍ରମୁଖ ଖବରଦାତା ଓ ଦେବର୍ଷି ନାରଦଙ୍କ ଭୂମିକା ଉପରେ ସମାନତା ଦେଖାଇ ମତବ୍ୟକ୍ତ କରିଥିଲେ। ଖବରଦାତା ବାଙ୍କବିହାରୀ ବିଷୋୟୀ ନାରଦ ଜଣେ ମହାନ୍ ଋଷି ହୋଇଥିବା ସହ ଦେବଗଣଙ୍କ ପାଇଁ ଉତ୍ତମ ଖବରଦାତା ସାଜିଥିଲେ ବୋଲି କହିଥିଲେ। ସେ ନାରଦଙ୍କୁ ଖବରଦାତାଙ୍କ ଗୁରୁ ବୋଲି କହିଥିଲେ। ଖବରଦାତା ରାମକିରଣ ପଟ୍ଟନାୟକ, ମହେଶ୍ୱର ବେହେରା, ରାମଚନ୍ଦ୍ର ଦଳେଇ ପ୍ରମୁଖ ଦେବର୍ଷି ନାରଦଙ୍କ ମହତ କାର୍ଯ୍ୟ ଓ ତାଙ୍କ ବିଭିନ୍ନ ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ନାରଦ ଖବର ପହଞ୍ଚାଇବା ଓ ସମାଧାନର ରାସ୍ତା ଦେଖାଉଥିଲେ ବୋଲି ଧୀରେନ୍ଦ୍ର ପଣ୍ଡା କହିଥିଲେ। ଏବେ ଡିଜିଟାଲ ସମୟରେ ଅନେକ ସମସ୍ୟା ଲୋକଲୋଚନକୁ ଆସୁଥିଲେ ମଧ୍ୟ ତାହାର ସମାଧାନର ରାସ୍ତା ବର୍ଷ ବର୍ଷ ଧରି ବାହାରୁନାହିଁ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଥିଲେ। ବିକ୍ରମ ଜୈନ ଧନ୍ୟବାଦ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀଙ୍କ ବିୟୋଗ

**ନବରଙ୍ଗପୁର,୩୧।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁରର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସଦାନନ୍ଦ ମହାନ୍ତିଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କ ୯୭ ବର୍ଷ ବୟସରେ ଶୁକ୍ରବାର ପରଲୋକ ଘଟିଛି। ଶୁକ୍ରବାର ସକାଳ ୫ ଟାରେ ଚାଉଁରିଆଗୁଡ଼ା ସ୍ଥିତ ମହିମାନଗରରେ ରହୁଥିବା ତାଙ୍କ ବଡ଼ପୁଅ ଲୋକନାଥ ମହାନ୍ତିଙ୍କ ଘରେ ଅନ୍ନପୂର୍ଣ୍ଣାଙ୍କ ମୃତ୍ୟୁ ହୋଇଛି। ନବରଙ୍ଗପୁର ଇନ୍ଦ୍ରାବତୀ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ଶେଷ ହୋଇଛି। ଏହି ସମୟରେ ସ୍ୱାଧୀନତା ସଂଗ୍ରାମୀ ସାଂସ୍କୃତିକ ସ୍ମୃତି କମିଟି ସଭାପତି ତଥା କଂଗ୍ରେସର ପୂର୍ବତନ ଜିଲା ସଭାପତି ମୁନା ତ୍ରିପାଠୀ ଓ ଦଳର ବହୁ ନେତା ଉପସ୍ଥିତ ଥିଲେ। ଏହି ଖବର ପ୍ରକାଶ ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଥିଲେ।



# ଡାଳ ପଡ଼ି ଛିଣ୍ଡିଲା ୪୪୦ଭୋଲ୍ଟ ବିଦ୍ୟୁତ୍ ତାର



**ଅଳ୍ପକେ ବର୍ତ୍ତିଲେ ଡାକ୍ତର, ମେଡିକାଲ କର୍ମଚାରୀ**

**ଦାମନଯୋଡ଼ି,୩୧।୫ (ମାନସ ରଞ୍ଜନ କର)**

କୋରାପୁଟ ଜିଲା ଦାମନଯୋଡ଼ିସ୍ଥିତ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଡାକ୍ତର ଓ କର୍ମଚାରୀଙ୍କ କ୍ୱାଟର ଆଗରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟି ଅଧାରୁ ଭାଙ୍ଗିଯାଇଛି। ଗଛଡାଳ ପଡି ୪୪୦ଭୋଲ୍ଟ ବିଦ୍ୟୁତ ତାର ଛିଣ୍ଡି ଯାଇଥିବା ସୂଚନା ମିଳିଛି। ତାର ଛିଣ୍ଡିବା ସମୟରେ କରେଣ୍ଟ ରହିଥିଲା ସତ୍ତ୍ୱେ ସୌଭାଗ୍ୟ ବଶତଃ ଏଥିରେ କେହାର କିଛି କ୍ଷତି ହେଇନାହିଁ। ବିଦ୍ୟୁତ୍ ଖୁଣ୍ଟି ଭାଙ୍ଗିବା ଓ ତାର ଛିଣ୍ଡିବା ସମ୍ପର୍କରେ ଖବରପାଇ ଲାଇନମ୍ୟାନ ଜୟନ୍ତ କୁମାର ସାହୁ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିଲେ। ତାର ଉପରେ ପଡିଥିବା ଡାଳ କାଟି ସଫା କରାଯାଇଥିଲା।

ସୂଚନାନୁଯାୟୀ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବହୁ ପୁରୁଣା ଗଛସବୁ ରହିଛି। ଗତ ସପ୍ତାହରେ ଏଠାରେ ବିନା ମେଘ ପବନରେ ଏକ କୃଷ୍ଣଚୂଡ଼ା ଗଛ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭାଙ୍ଗି ପଡ଼ିଥିଲା। ଗଛଟି ପଡ଼ିଯିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ରୁମ କାନ୍ଥ ଭାଙ୍ଗିଥିଲା। ରୋଗୀସେବା ପାଇଁ ପ୍ରତିଦିନ ଏଠାକୁ ଶହ ଶହ ସଂଖ୍ୟାରେ ଲୋକେ ଆସୁଥିବାରୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୁରୁଣା ଗଛଗୁଡ଼ିକୁ କଟାଯିବାକୁ ଦାବି ହୋଇଛି।

# ବିଧବାଙ୍କ ଝୁଲନ୍ତା ମୃତଦେହ ଜବତ

**ଦଶମନ୍ତପୁର, ୩୧।୫(ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରମହକୁମାସ୍ଥିତ ବାଣୁଆଗୁଡ଼ା ହାଟପଦାରେ ଅଞ୍ଚଳର ଜଣେ ବିଧବା ମହିଳାଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ମିଳିଛି। ମୃତକ ହେଲେ ସ୍ୱର୍ଗତ ଚୈତନ୍ୟ କମାରଙ୍କ ସ୍ତ୍ରୀ ନବୀନା (୨୫)। ମୃତ ମହିଳାଙ୍କ ସମ୍ପର୍କୀୟ ଦିଅର ବିଭି କମାର ଏ ନେଇ ଦଶମନ୍ତପୁର ପୋଲିସକୁ ଜଣାଇଥିଲେ। ଥାନାଧିକାରୀ ସୁକୁମା ହାଁସଦାଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ସୂଚନାନୁଯାୟୀ, ମହିଳା ଜଣକ ଗୁରୁବାର ଅପରାହ୍ନରେ ଗାଁ ନିକଟସ୍ଥ କାଜୁବାଡ଼କୁ ଯାଇଥିଲେ। ସେ କିନ୍ତୁ ରାତି ଯାଏ ଫେରି ନ ଥିଲେ। ଶୁକ୍ରବାର ସକାଳେ ନବୀନାଙ୍କ ୮ବର୍ଷର ପୁଅ ମା' ଙ୍କୁ ଖୋଜିବା ସହ ତାଙ୍କ ସମ୍ପର୍କରେ ସମ୍ପର୍କୀୟ ଦାଦାଙ୍କୁ ପଚାରିଥିଲେ। ଶୁକ୍ରବାର ସନ୍ଧ୍ୟାରେ କେତେଜଣ କାଜୁ ଗଛରେ ନବୀନାଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଜଣାଇ ଥିଲେ। ଏହାପରେ ବିଭି କମାର ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହୋଇ ପାରିନାହିଁ। ଶନିବାର ତଦନ୍ତ ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ଜମିରୁ ଗଳିତ ମୃତଦେହ ଜବତ

**ପାରଳାଖେମୁଣ୍ଡି, ୩୧।୫(ଗିରିଧାରୀ ପରିଛା)**

ଗଜପତି ଜିଲା ଗୁମ୍ମା ବ୍ଲକ ତଥା ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ପାର୍ଶ୍ୱମ୍ବା ଗ୍ରାମ ନିକଟସ୍ଥ କାଜୁ ଜଙ୍ଗଲ ପଛପାଖ ଜମିରେ ସନ୍ଦେହଜନକ ଭାବେ ଏକ ଗଳିତ ମୃତଦେହ ପୋଲିସ ଜବତ କରିଛି। ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ଘର ପାରଳାଖେମୁଣ୍ଡି ସହରର ରାମନଗର ଏବଂ ତାଙ୍କ ନାମ ବି.କ୍ରିଷ୍ଣାରାଓ ବୋଲି ଆଲୋଚନା ହେଉଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଛାତ୍ରୀଛାତ୍ର ଓ ଗ୍ରାମବାସୀ ନାଚଗୀତ କରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ଜଣାଉଛନ୍ତି ।

**ଦାମନଯୋଡି,୩୧।୫ (ମାନସ ରଞ୍ଜନ କର)**

କୋରାପୁଟ ବ୍ଲକ ଅଧୀନ କୁଡୁମୁଲୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୁଡୁମୁଲୁ ଗ୍ରାମବାସୀ,ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରୀଛାତ୍ର ଏବଂ ଉତ୍କଳ ପ୍ରାଇମେରୀ ଟିଚର୍ସ ଫେଡେରେସନ ପକ୍ଷରୁ କାର୍ଯ୍ୟରତ ଶିକ୍ଷୟତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଫୁଲତୋଡ଼ା, ଉପଢୌକନ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧନା ଦିଆଯାଇଛି। ଗ୍ରାମବାସୀମାନେ ପାରମ୍ପରିକ ନାଚଗୀତର କରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କୁଡୁମୁଲୁ ଗ୍ରାମରୁ ମୁଖ୍ୟରାସ୍ତା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନେଇ ଯାଇଥିଲେ।

ପ୍ରକାଶ ଯେ, ଶିକ୍ଷୟିତ୍ରୀ ବିଶ୍ୱାଳ ୧୯୮୬ ନଭେମ୍ବରରୁ କୋରାପୁଟ ଜିଲାର ଖଗଦରା ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରିଥିଲେ। ଜଣେ କାର୍ଯ୍ୟଦକ୍ଷ, କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ,ମିଷ୍ଟଭାଷୀ ତଥା ଆଦର୍ଶ ଶିକ୍ଷୟିତ୍ରୀଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚଣ୍ଡାଳ ନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଉତ୍କଳ ପ୍ରାଇମେରୀ ଟିଚର୍ସ ଫେଡେରେସନ ଓଡ଼ିଶାର ଅଫିସ ସମ୍ପାଦକ ଲକ୍ଷ୍ମଣ ବେହେରାଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ ଡ଼ଃ ଅଶୋକ କୁମାର ମହାନ୍ତି, ନଳିନୀକାନ୍ତ ସେନାପତି, କେ.ନୀଳମାଧବ ପାତ୍ର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସେଣ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୧୦ ହଜାର ଜରିମାନା

**ଶିଶୁକନ୍ୟା ବଳାତ୍କାର ମାମଲା**

**ନବରଙ୍ଗପୁର,୩୧।୫(ସଦାଶିବ ପ୍ରହରାଜ)**

୫ ବର୍ଷର ଶିଶୁ କନ୍ୟାଙ୍କୁ ବଳାତ୍କାର ଅଭିଯୋଗରେ ତେନ୍ତୁଳିଖୁଣ୍ଟି ଥାନା ଅଞ୍ଚଳର ଟିକାଧର ଗଉଡ଼ଙ୍କୁ ନବରଙ୍ଗପୁର ପୋକ୍‌ସୋ ଜଜ୍ ଶିବପ୍ରସାଦ ମିଶ୍ର ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୧୦ ହଜାର ଟଙ୍କା ଜରିମନା ଦଣ୍ଡାଦେଶ ଶୁଣାଇଛନ୍ତି। ଅର୍ଥ ଅନାଦାୟେ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ରାୟ ପ୍ରକାଶ ପାଇଛି।

ସୂଚନାନୁଯାୟୀ ଅଭିଯୁକ୍ତ ଟିକାଧର୨୦୨୨ ଅଗଷ୍ଟ ୧୦ରେ ପୀଡ଼ିତା ଶିଶୁ କନ୍ୟାଙ୍କୁ କୁର୍‌କୁରେ କିଣି ଦେବି କହି ନିଜ ଘରକୁ ଡାକି ନେଇଥିଲେ। ସେଠାରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତା ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ଏହାପରେ ସେମାନେ ତେନ୍ତୁଳିଖୁଣ୍ଟି ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ତେନ୍ତୁଳିଖୁଣ୍ଟି ପୋଲିସ କେସ୍ ନମ୍ବର ୧୪୧/୨୨ରେ ମାମଲା ରୁଜୁକରିବା ସହ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ। ଏନେଇ କୋର୍ଟରେ ଟିଆର୍ କେସ୍ ନମ୍ବର ୬୦/୨୨ ରୁଜୁହୋଇ ମାମଲା ବିଚାରାଧୀନ ଥିଲା। ୨୬ ଜଣ ସାକ୍ଷ୍ୟ ପ୍ରମଣକୁ ଭିତ୍ତିକରି ପୋକ୍‌ସୋ ଜଜ୍ ଶିବପ୍ରସାଦ ମିଶ୍ର ଅଭିଯୁକ୍ତ ଟିକାଧରଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିନନ୍ଦନ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ସରକାରୀ ବିହନ ବିକ୍ରିକୁ ପ୍ରାଥମିକତା ଦେବାକୁ ପରାମର୍ଶ

**ଲାଇସେନ୍ସପ୍ରାପ୍ତ ବିହନ ବିକ୍ରେତାଙ୍କୁ ନେଇ ବୈଠକ**

**ତେନ୍ତୁଳିଖୁଣ୍ଟି, ୩୧।୫(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକସ୍ଥିତ ଆତ୍ମା କାର୍ଯ୍ୟାଳୟରେ ଶୁକ୍ରବାର ପଞ୍ଜୀକୃତ ବିହନ ବିକ୍ରେତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୪ଟି ବିହନ ବିକ୍ରେତାଙ୍କ ଉପସ୍ଥିତିରେ ବୈଠକ କରାଯାଇଛି। ବିହନ ବିକ୍ରି ପାଇଁ ସରକାରଙ୍କ ଧାର୍ଯ୍ୟ ନିୟମାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ବିଶେଷଭାବେ ବିହନ ବିକ୍ରି ବେଳେ ସରକାରୀ ବିହନ ବିକ୍ରିକୁ ପ୍ରାଥମିକତା ଦେବା ପାଇଁ ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ ପରାମର୍ଶ ଦେଇଥିଲେ। ବିକ୍ରେତାଙ୍କୁ ଦୋକାନରେ ବିହନର କ୍ରୟ ବିକ୍ରୟ ରେଜିଷ୍ଟର ଲିପିବଦ୍ଧ କରିବା, ସ୍ୱୀକୃତି ନ ଥିବା ବିହନ ବିକ୍ରି ନ କରିବା, ବିନା ରସିଦରେ ବିକ୍ରିବଟା ନ କରିବା ପ୍ରତି ଧ୍ୟାନଦେବାକୁ କୁହାଯାଇଛି। ବିହନଗୁଡ଼ିକର ଉତ୍ପାଦନ କ୍ଷମତା, ସମୟ ବିଷୟରେ ଚାଷୀଙ୍କୁ ତଥ୍ୟ ଦେବା କୁହାଯାଇଥିଲା। ସରକାରୀ ବିହନ କିଣିବାକୁ ହେଲେ ଚାଷୀକୁ କ୍ରୟ ବେଳେ ଫାର୍ମର ଆଇଡି ସହ ଆସିବାକୁ କହିଥିଲେ। ବୈଠକରେ ସହକାରୀ କୃଷି ଅଧିକାରୀ ଓ ଏଟିଏମ୍ ବାଳଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ କୃଷି ବିଭାଗ ଅଧିକାରୀ, ବିହନ ବିକ୍ରେତା ଓ ଅନ୍ୟମାନେ।

# 'ଯୁବପିଢ଼ି ତମାଖୁ ବର୍ଜନରୁ ନିବୃତ୍ତ ରହି ସମସ୍ତଙ୍କୁ ସଚେତନ କର'

**ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ**

**ନବରଙ୍ଗପୁର,୩୧।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସିଡିଏମ୍‌ଓ ଡା ମଳୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଏମ୍‌ଓ (ଏମ୍‌ଏସ୍) ଡାକ୍ତର ସୁକାନ୍ତ ଶତପଥୀ, ଡିଆଇପିଆର୍‌ଓ ହଳଧର ନିଆଳ, ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ, ଡା. ଇର୍ସାତ୍ ମହମ୍ମଦ ଖାଁ, ସିଡିପିଓ ସବିତାରାଣୀ ବ୍ରହ୍ମା, ଏଡିପିଏଚ୍‌ଓ, ରାମହରି ପଣ୍ଡା, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଜିଏନ୍‌ଏମ୍ କଲେଜ ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ।

ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ତାତ୍ପର୍ଯ୍ୟ, ତମାଖୁ ସେବନ ଦ୍ୱାରା ମଣିଷ ଶରୀରରେ ହେଉଥିବା ମାରାତ୍ମକ କ୍ୟାନ୍‌ସର ବ୍ୟାଧି ସମ୍ପର୍କରେ ସିଡିଏମ୍‌ଓ ଡା. ତ୍ରିପାଠୀ ସୂଚନା ଦେଇଥିଲେ। ଛାତ୍ରୀଛାତ୍ର ଓ ଯୁବପିଢ଼ି ତମାଖୁ ସେବନରୁ ନିବୃତ୍ତ ରହିବା ସହ ସମସ୍ତଙ୍କୁ ସଚେତନକରି ଏକ ସୁସ୍ଥ ସମାଜ ଗଠନ ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ବୈଠକରେ ତମାଖୁର କ୍ଷତିକାରକ ଉପାଦାନ, ଧୂମକାରୀ ଓ ଧୂମହୀନ ତମାଖୁ ସେବନ ପ୍ରଭାବ, ପରୋକ୍ଷ ଧୂମପାନ, ମହିଳାଙ୍କ କ୍ଷେତ୍ରରେ ତମାଖୁ ସେବନର କୁପରିଣାମ, ପିଲାମାନଙ୍କ ଉପରେ ତମାଖୁ ସେବନର କୁପ୍ରଭାବ, ମୁଖ କ୍ୟାନ୍‌ସର, ତମାଖୁ ଛାଡ଼ିବାସ୍ତର, ଭାରତରେ ତମାଖୁ ନିୟନ୍ତ୍ରଣ ପାଇଁ ଆଇନ, କୋଟପା ଉଲ୍ଲଂଘନର ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରକାଶ ଥାଉକି, ସମଗ୍ର ପୃଥିବୀରେ ତମାଖୁ ପ୍ରତିବର୍ଷ ୫୦ ଲକ୍ଷରୁ ଅଧିକ ଲୋକଙ୍କ ପ୍ରାଣ ନେଉଛି। ଏହି ଅବସରେ ସିଡିଏମ୍‌ଓ ଡା ତ୍ରିପାଠୀ ସମସ୍ତଙ୍କୁ ତମାଖୁ ବର୍ଜନ ସମ୍ପର୍କିତ ଏକ ଶପଥପାଠ କରାଇଥିଲେ। ଡିପିଏମ୍ ସୁଶାନ୍ତ ପ୍ରହରାଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ଏଏନ୍‌ଏମ୍ ଛାତ୍ରୀଛାତ୍ର ଓ ଅନ୍ୟମାନେ ତମାଖୁ ସେବନ ନ କରିବା ନେଇ ଶପଥ ନେଉଛନ୍ତି।

# ଅବସର ନେଲେ କେନ୍ଦ୍ରାଞ୍ଚଳ ଆର୍‌ଡିସି


ଆର୍‌ଡିସି ରଞ୍ଜନ କୁମାର ଦାସଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

**କଟକ,୩୧।୫ (କାର୍ତ୍ତିକ ସାହୁ)**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ରଞ୍ଜନ କୁମାର ଦାସ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଆର୍‌ଡିସିଙ୍କ ସଭାଗୃହରେ ଅପରାହ୍ନରେ ଆୟୋଜିତ ଅବସରକାଳୀନ ସଭାରେ ବିଦାୟୀ ଆର୍‌ଡିସି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉପବିଭାଗୀୟ ଅଧିକାରୀ ପ୍ରମୋଦ କୁମାର ଓଝା ବକ୍ତବ୍ୟରେ ଆର୍‌ଡିସିଙ୍କ ପ୍ରଶାସନିକ ଦକ୍ଷତା ଅତ୍ୟନ୍ତ ଉଚ୍ଚକୋଟୀର ବୋଲି କହିଥିଲେ। ଆର୍‌ଡିସି ଦାସ ତାଙ୍କ କାର୍ଯ୍ୟକାଳ ସମୟର କେତେକ ଅନୁଭୂତି ପ୍ରକାଶ କରି ପ୍ରଶାସନକୁ ଲୋକାଭିମୁଖୀ କରାଯିବା ଉପରେ କେତେକ ଉପାଦେୟ ପରାମର୍ଶ ଦେଇଥିଲେ। ଆୟୁକ୍ତଙ୍କ ସଚିବ ତୁଷାରକାନ୍ତ ମହାନ୍ତି, ଅତିରିକ୍ତ ସଚିବ ଆଶୁତୋଷ ସାମଲ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଦିଲୀପ ଦାସ, ଯୁଗ୍ମ ନିର୍ଦ୍ଦେଶକ ପଦ୍ମଚରଣ ନାୟକ, ପ୍ରଶାସନିକ ଅଧିକାରିଣୀ ଅଳି ରାଉତରାୟଙ୍କ ସମେତ ଅନ୍ୟ ଅଧଧିକାରୀମାନେ ଉପସ୍ଥିତ ଥିଲେ। ଉପବିଭାଗ ଅଧିକାରୀ ବିଦେଶୀ କୁମାର ମହାକୁଡ଼ ଧନ୍ୟବାଦ ଦେଇଥିଲେ।

# ଯୁବତୀଙ୍କୁ ବ୍ଲାକମେଲ୍: ଅଭିନେତା ଚନ୍ଦନ କୁମାର କର ଗିରଫ

**ଭୁବନେଶ୍ୱର,୩୧।୫(ସତ୍ୟଜିତ ରାଉତ)**

ଯୁବତୀଙ୍କୁ ବ୍ଲାକ୍‌ମେଲ୍ କରିବା ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୋଲିସ ଅଭିନେତା ଚନ୍ଦନ କୁମାର କରଙ୍କୁ ଶୁକ୍ରବାର ଗିରଫ କରିଛି। ଚନ୍ଦନଙ୍କ ଘର ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଖାରପଡା ଶାରଳା ନଗରରେ ରହୁଛନ୍ତି। କୋର୍ଟଚାଲାଣ ପରେ ଚନ୍ଦନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ପୀଡ଼ିତା ଯୁବତୀ ଜଣକ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ତାଙ୍କର ଗୀତ, କାହାଣୀ ଆଦି ଲେଖାଲେଖିରେ ରୁଚି ଥିବାରୁ ସେ ୨୦୨୨ ମସିହାରେ ଚନ୍ଦନଙ୍କ ସହ ଯୋଗାଯୋଗରେ ଆସିବା ପରେ ତାଙ୍କ ସହ ବନ୍ଧୁତା ହୋଇଥିଲା। ଏକ ପ୍ରୋଜେକ୍ଟରେ କାମ କରିବାକୁ ସୁଯୋଗ ଦେବେ ବୋଲି ଚନ୍ଦନ କହିଥିଲେ। ଏହି ସମୟରେ ଯୁବତୀଙ୍କୁ ସେ ବିବାହ ପ୍ରସ୍ତାବ ଦେଇଥିଲେ। ଚନ୍ଦନଙ୍କର ଚାକିରି ହେବା ପରେ ଏହି ବିବାହ ହେବ ବୋଲି ଯୁବତୀଙ୍କ ପରିବାର ସର୍ତ୍ତ ରଖିଥିଲେ। ହେଲେ ଚନ୍ଦନ ଅନ୍ୟ ଝିଅମାନଙ୍କ ସହ ସମ୍ପର୍କ ରଖି ସେମାନଙ୍କୁ ବିବାହ ପ୍ରତିଶ୍ରୁତି ଦେଉଥିବା ନେଇ ଜଣାପଡିବା ପରେ ତାଙ୍କୁ ବିବାହ କରିବାକୁ ଯୁବତୀ ଜଣକ ମନା କରିଦେଇଥିଲେ। ଏହାପରଠାରୁ ଚନ୍ଦନ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଅଭିଯୋଗକାରିଣୀଙ୍କ ସହ ଥିବା ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଉଥିଲେ। ୨୦୨୩ ଜୁଲାଇରେ ଚନ୍ଦନ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରି କାର୍ଯ୍ୟସ୍ଥଳରେ ଆକ୍ରମଣ କରି ବିବାହ କରିବାକୁ ବାଧ କରିଥିଲେ। ଏନେଇ ଯୁବତୀଙ୍କ ଏତଲାକ୍ରମେ ପୋଲିସ ବୁଧବାର ମାମଲା (ନଂ. ୮୧/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଜଣାପଡ଼ିଛି ଯେ, ଚନ୍ଦନ ଏଭଳି ଅନେକ ଝିଅଙ୍କୁ ଫାଶରେ ପକାଇ ସେମାନଙ୍କୁ ପ୍ରୋଜେକ୍ଟ କାମ ଦେବା ଏବଂ ବିବାହ କରିବା ପାଇଁ ପ୍ରସ୍ତାବ ଦେଇ ଶାରୀରିକ ସମ୍ପର୍କ ରଖୁଥିଲେ। ପରେ ବ୍ଲାକ୍‌ମେଲ୍ କରି ହଇରାଣ କରୁଥିଲେ। ଚନ୍ଦନଙ୍କ ନାଁରେ ୨୦୧୭ରେ ଲିଙ୍ଗରାଜ ଥାନାରେ ସମାନ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛ' ନ' ତେର**
**ଯେବେ ଯିବ ଘର**
**ତେବେ କରିବ ଜର।**

ସାଧାରଣତଃ ଛଅ, ନଅ ଓ ତେର ଦିନରେ ଘରକୁ ଫେରିବାରେ ବାରଣ କରାଯାଇଥାଏ। କାରଣ ଏହି ଦିନଗୁଡ଼ିକରେ ଘରକୁ ଫେରିଲେ ଦେହ ଖରାପ ହେବାର ସମ୍ଭାବନା ରହିଥାଏ। ଏହା ଏକ ଅନ୍ଧବିଶ୍ୱାସ ହୋଇଥିଲେ ମଧ୍ୟ ଆଜି ବି ଆମ ସମାଜରେ ପ୍ରଚଳିତ ହୋଇଆସୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଈ ଶୁଖିଲେ କି କରିବ ନାଆ ?**
**ଥନ ଶୁଖିଲେ କି କରିବ ମାଆ ?**

ନଈ ଶୁଖିଗଲେ ଡଙ୍ଗା ବା ନାଆ ଯାଇପାରି ନ ଥାଏ। ନଈରେ ପାଣି ନ ଆସିବା ଯାଏ ଗୋଟିଏ ଜାଗାରେ ପଡ଼ିରହିଥାଏ। ସେହିପରି ଥନରୁ କ୍ଷୀର ଶୁଖିଗଲେ ମା' ତା'ର ସନ୍ତାନକୁ କ୍ଷୀର ଦେଇପାରି ନ ଥାଏ। ପରୋକ୍ଷରେ ପ୍ରତିକୂଳ ପରିସ୍ଥିତି ଆଗରେ ମଣିଷ ହାର ମାନିଥାଏ। କଳକୌଶଳ ଖଞ୍ଜିବାର ସବୁବାଟ ବନ୍ଦ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଟୁଙ୍ଗୁରୁ ଭୋଳ ସମେତ ଆନ୍ତଃରାଜ୍ୟ ଗ୍ୟାଙ୍ଗର ୧୧ ଗିରଫ

## ଜଳ ଯୋଗାଣ ପାଇପ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ

**ଭୁବନେଶ୍ୱର,୩୧।୫ (ସୂର୍ଯ୍ୟକାନ୍ତ ବେହେରା)**



ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରେ ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ ଜଳଯୋଗାଣ ପାଇପ୍ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ଗ୍ୟାଙ୍ଗ୍‌ର ୧୧ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ନଗଦ ୨୦ ହଜାର ଟଙ୍କା, ଗୋଟିଏ ଅଟୋ, ଗୋଟିଏ ବୁଲେଟ, ୧୦ ମୋବାଇଲ ଫୋନ ଜବତ ହୋଇଥିବା ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ସବୁଠାରୁ ଚର୍ଚ୍ଚାର ବିଷୟ ହେଲା, ପ୍ରେମକୁ ନେଇ ଚର୍ଚ୍ଚାକୁ ଆସିଥିବା ଭରତପୁର ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ଗଞ୍ଜାମ ହିଞ୍ଜିଳିକାଟୁର ଟୁଙ୍ଗୁରୁ ଭୋଳ ଓରଫ ଆଲୋକ ଏହି ର୍‍ୟାକେଟରେ ସମ୍ପୃକ୍ତ ଥିବାରୁ ତାଙ୍କୁ ଗିରଫ କରାଯିବା ସହ ତାଙ୍କ ଅଟୋକୁ ମଧ୍ୟ ଜବତ କରାଯାଇଛି। ସେହିଭଳି ଅନ୍ୟ ଅଭିଯୁକ୍ତମାନେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳର ରମେଶ ଚନ୍ଦ୍ର ସାହୁ, କଟକ ଚୌଦ୍ୱାରର ସନ୍ଦୀପ କୁମାର ଅଗ୍ରୱାଲ ଓ ବାଦାମବାଡିର ରାଜକୁମାର ପରିଡା, ଭୁବନେଶ୍ୱର ଚନ୍ଦକା ଅଞ୍ଚଳର ସେକ୍ ରହିମ ଓ ସୁଧୀର ବେହେରା, ପାତ୍ରପଡାର ଶ୍ରୀକାନ୍ତ ମହାରଣା, ଗଞ୍ଜାମର ପପୁ ଭୂୟାଁ, ଖୋର୍ଦ୍ଧା ବାଘମାରୀ ଅଞ୍ଚଳର ଭାଗୀରଥି ନାୟକ ଓ କାର୍ତ୍ତିକ ଚନ୍ଦ୍ର ସୁବୁଦ୍ଧି ଏବଂ କଟକ ସିଡିଏ ସେକ୍ଟର-୧ର ରଶ୍ମିରଞ୍ଜନ ଦାସ। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଡିସିପି ସିଂ କହିଛନ୍ତି, ଏମାନେ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା, ଖୋର୍ଦ୍ଧା, କନ୍ଧମାଳ, କଟକ, ରାୟଗଡା ଆଦି ବିଭିନ୍ନ ଅଞ୍ଚଳରୁ ଜଳ ଯୋଗାଣ ପାଇଁ ବ୍ୟବହୃତ ଲୁହା ପାଇପ ଚୋରି କରୁଥିଲେ। ପରେ ପାଇପଗୁଡ଼ିକୁ ବାହାର ରାଜ୍ୟକୁ ପଠାଇ ଡିଲର୍ସଙ୍କୁ ବିକ୍ରି କରି ଦେଉଥିଲେ। ଏଥିପାଇଁ ଅଭିଯୁକ୍ତମାନେ ପାଇପଗୁଡିକର ନକଲି ଡକ୍ୟୁମେଣ୍ଟ ତଥା ଚାଲାଣ ତିଆରି କରୁଥିଲେ। ଜିନିଷପତ୍ର ଧରି ଓଡ଼ିଶାକୁ ଆସୁଥିବା ବାହାର ରାଜ୍ୟର ଟ୍ରାନ୍ସପୋର୍ଟ ଟ୍ରକ୍‌ରେ ଚୋରା ପାଇପଗୁଡ଼ିକୁ ପଠାଉଥିବା ତଦନ୍ତ ବେଳେ ଜଣାପଡ଼ିଛି। ଅନ୍ୟପଟେ ଏହି ଗ୍ୟାଙ୍ଗରେ ଏବେବି ୪ଜଣ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ତେବେ ଏମାନେ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ପାଇପ ବିକ୍ରି କରିଥିବା ଖବରଦାତା ସମ୍ମିଳନୀରେ ଡିସିପି କହିଛନ୍ତି।

# ଝୋଟ ଗୋଦାମରେ ନିଆଁ | ଜଳିଗଲା ଝୋଟ, ଚିନାବାଦାମ, ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ

**ବାଲିଆପାଳ, ୩୧।୫ (ଗୋପାଳ ଚନ୍ଦ୍ର ସାହୁ)**



ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଇଡ୍‌କୋ ହସ୍ପିଟାଲ ଅନତି ଦୂରରେ ଥିବା ସିମୁଳିଆ ଗ୍ରାମର ବିଜୟ ବିଶ୍ୱାଳଙ୍କ ଝୋଟ ଓ ଚିନାବାଦାମ ଗୋଦାମରେ ଶୁକ୍ରବାର ଅପରାହ୍ନରେ ନିଆଁ ଲାଗିଛି। ଏହି ଅଗ୍ନିକାଣ୍ଡ ଯୋଗୁ ହଜାର ହଜାର କୁଇଣ୍ଟାଲ ଝୋଟ, ଚିନାବାଦାମ ସହିତ ଲକ୍ଷାଧିକ ଟଙ୍କାର ପ୍ରୋସେସିଂ ମେସିନରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳୁଛି। ବାଲିଆପାଳ, ବସ୍ତା, ଭୋଗରାଇର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ତେବେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଦମକଳ ଅଚଳ ହୋଇପଡ଼ିଥିବା ବେଳେ ଗୋଟିଏ ଦମକଳରେ ନିଆଁ ଲିଭା କାର୍ଯ୍ୟ ଚାଲିଛି। ଯାହାକି, ନିଆଁକୁ ଆୟତ୍ତ କରିବାରେ ସମ୍ଭବ ହେଉନି। ଫଳରେ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯିବ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଗୋଟିଏ ଦମକଳ ସାହାଯ୍ୟରେ ନିଆଁ ଲିଭା କାର୍ଯ୍ୟ ଚାଲିଥିବା ବେଳେ ହଜାର ହଜାର କୁଇଣ୍ଟାଲ ଝୋଟ, ଚିନାବାଦାମ ସହିତ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଛି। ଅଗ୍ନିକାଣ୍ଡର ଜଣାପଡିନାହିଁ।

ପ୍ରଥମ ପୃଷ୍ଠାରୁ...

## ୧୫୦ ଜଳଭଣ୍ଡାରରେ ...

ଗତ ସପ୍ତାହରେ ସିଡବ୍ଲ୍ୟୁସିଙ୍କ ପକ୍ଷରୁ ଜାରି କରାଯାଇଥିବା ମେ' ୧୬-୩୧ ବୁଲେଟିନ୍‌ରେ ଏହି ଜଳଭଣ୍ଡାରଗୁଡ଼ିକରେ ୫.୮୬୪ ବିସିଏମ୍ (ମୋଟ ଧାରଣ କ୍ଷମତାର ୩୦%)କୁ ଜଳସ୍ତର ଖସିଆସିଥିବା କୁହାଯାଇଥିଲା। ସେହିପରି ପୂର୍ବାଞ୍ଚଳରେ ଓଡ଼ିଶା, ଆସାମ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ତ୍ରିପୁରା, ନାଗାଲାଣ୍ଡ ଓ ବିହାରରେ ୨୩ ଜଳଭଣ୍ଡାର ରହିଛି। ବର୍ତ୍ତମାନ ଏହି ଜଳଭଣ୍ଡାରଗୁଡ଼ିକର ମୋଟ ଧାରଣ କ୍ଷମତା ୨୦.୪୩୦ ବିସିଏମ୍ ହୋଇଥିବାବେଳେ ବର୍ତ୍ତମାନ ମାତ୍ର ୫.୬୪୫ ବିସିଏମ୍ (୨୮%) ରହିଛି। ପଶ୍ଚିମାଞ୍ଚଳର ଗୁଜରାଟ ଓ ମହାରାଷ୍ଟ୍ରରେ ଥିବା ୪୯% ଜଳଭଣ୍ଡାରର ମୋଟ ଜଳ ଧାରଣ କ୍ଷମତା ୩୭.୧୩୦ ହୋଇଥିବାବେଳେ ବର୍ତ୍ତମାନ ଏହାର ଜଳସ୍ତର ୨୫%କୁ ହ୍ରାସ ପାଇଛି। କେନ୍ଦ୍ରୀୟ ଅଞ୍ଚଳ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଥିବା ୨୬ ଜଳଭଣ୍ଡାରର ମୋଟ ଜଳଧାରଣ କ୍ଷମତା ୪୮.୨୨୭ ବିସିଏମ୍। ବର୍ତ୍ତମାନ ଏହି ଜଳଭଣ୍ଡାରଗୁଡ଼ିକରେ ୨୯.୧% ଜଳ ରହିଛି। ଦକ୍ଷିଣ ଭାରତର ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, କର୍ନାଟକ ଓ ତାମିଲନାଡୁରେ ୪୨ଟି ଜଳଭଣ୍ଡାର ରହିଛି। ଏହି ଜଳଭଣ୍ଡାରଗୁଡ଼ିକର ଧାରଣ କ୍ଷମତା ୫୩.୩୩୪ ବିସିଏମ୍ ହୋଇଥିବାବେଳେ ବର୍ତ୍ତମାନ ମାତ୍ର ୭.୩୧୭ ବିସିଏମ୍ (୧୫%) ଜଳ ରହିଛି।

## ଖରାରେ କାମ ...

ଅନ୍ୟପକ୍ଷରେ ରାଜ୍ୟରେ ହିଟ୍‌ୱେଭ ନେଇ ୯ ଜିଲାପାଳଙ୍କୁ ଏସ୍‌ଆର୍‌ସି ସତର୍କ କରାଇଛନ୍ତି। ହିଟ୍‌ୱେଭ ସଂକ୍ରାନ୍ତ ଆଡଭାଇଜରି ଜାରି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ୯ ଜିଲାଗୁଡ଼ିକ ହେଲା ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ସୋନପୁର, ମାଲକାନଗିରି, ସୁନ୍ଦରଗଡ଼, ନୂଆପଡ଼ା ଓ କନ୍ଧମାଳ। ପିକ୍ ଆୱାରରେ ଖରାରେ କ'ଣ କରିବା, ନ କରିବା ସେ ନେଇ ଜିଲା ପ୍ରଶାସନ ଲୋକଙ୍କୁ ସଚେତନ କରାଇବ। ନିର୍ଦ୍ଦେଶନାମା ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ସ୍ଥିତି ଆହୁରି ୩ଦିନ ପର୍ଯ୍ୟନ୍ତ ଲାଗି ରହିବ। ଏହି ଅଞ୍ଚଳର ବହୁ ସହରରେ ପାରଦ ୪୦ ଡିଗ୍ରୀ ଉପରେ ରହୁଥିବାରୁ ସତର୍କ ରହିବାକୁ ଏସ୍‌ଆର୍‌ସି ନିବେଦନ କରିବା ସହ ଲୋକଙ୍କ ସହଯୋଗ ଲୋଡ଼ିଛନ୍ତି। ପିକ୍ ଆୱାରରେ ଦରକାର ନ ପଡ଼ିଲେ ବାହାରକୁ ନ ବାହାରିବା ପାଇଁ ସେ ନିବେଦନ କରିଛନ୍ତି। ସେହିପରି ଅତି ଜରୁରୀ ପରିସ୍ଥିତିରେ ସମ୍ପୂର୍ଣ୍ଣ ସୁରକ୍ଷାରେ ବାହାରକୁ ଯିବାକୁ କହିଛନ୍ତି। ହାଲୁକା ସୂତାବସ୍ତ୍ର ପିନ୍ଧିବା ସହ ଛତା, ଜୋତା, ପାଣି ବୋତଲ, ଓଆର୍‌ଏସ୍ ସାଙ୍ଗରେ ନେବେ। ରୋଗୀ, ବୟସ୍କ, ଗର୍ଭବତୀ, ଶିଶୁଙ୍କୁ ବେଶି ସତର୍କ ରହିବାକୁ ସେ ନିବେଦନ କରିଛନ୍ତି।

### ଅଂଶୁଘାତରେ ୫ଜଣଙ୍କ ମୃତ୍ୟୁ ସ୍ପଷ୍ଟକଲେ ରାଜ୍ୟ ସରକାର

ରାଜ୍ୟରେ ଶୁକ୍ରବାର ସୁଦ୍ଧା ୫ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଏସ୍‌ଆର୍‌ସି ସ୍ପଷ୍ଟ କରିଛନ୍ତି। ବାଲେଶ୍ୱର, ଢେଙ୍କାନାଳ, ମୟୂରଭଞ୍ଜ, ସୋନପୁର ଏବଂ ବଲାଙ୍ଗୀରରେ ଜଣେ ଲେଖାଏ ଅଂଶଘାତ ମୃତ୍ୟୁ ହୋଇଛି। ତେବେ ସୁନ୍ଦରଗଡ଼ ଜିଲାରୁ ୧୨ ଏବଂ ଝାରସୁଗୁଡ଼ା ଜିଲାରୁ ୬ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ରାଜ୍ୟ ସରକାର କରୁଛନ୍ତି। ଏମାନଙ୍କର ମୃତଦେହ ବ୍ୟବେଚ୍ଛଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଆର୍‌ସି କହିଛନ୍ତି। ତେବେ ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରୁ ଆସିଥିବା ଅଭିଯୋଗଗୁଡ଼ିକରେ ଅଧିକାଂଶ ଶ୍ରମିକ ଅଛନ୍ତି। ଯେଉଁମାନେ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବାର ପ୍ରାରମ୍ଭିକ ସୂଚନା ମିଳିଛି। ଏହାର ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ମଧ୍ୟ ଘଟଣାସ୍ଥଳକୁ ଯାଇଛନ୍ତି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସ୍‌ଆର୍‌ସି କହିଛନ୍ତି।

## ୨ ମାସର ପୁଅକୁ ...

ସଂସ୍ଥାରେ ସୋମନାଥ ମିସ୍ତ୍ରିଭାବେ କାମ କରୁଥିବା ବେଳେ ତାଙ୍କ ସ୍ତ୍ରୀ ଦିନମଜୁରିଆଭାବେ କାମ କରନ୍ତି। ଅନେକ ସମୟରେ ସୋମନାଥ ମଦ୍ୟପାନ କରି ସୁଲୋଚନାଙ୍କୁ ମାଡ଼ ମାରିଥାନ୍ତି। କିଛିଦିନ ତଳେ ସୋମନାଥ ମଦ ପିଇ ସୁଲୋଚନାଙ୍କୁ ମାଡ଼ ମାରିବା ସହ ଖାଇବାକୁ ଦେବା ବନ୍ଦ କରିଦେଇଥିଲେ। ଏପରିକି ସୋମନାଥ ଦୁଇମାସର ଶିଶୁପୁତ୍ରକୁ ରଖି ସୁଲୋଚନାଙ୍କୁ ଘରୁ ବାହାର କରିଦେଇଥିଲା। କିଛିଦିନ ପରେ ସୋମନାଥ ପୁଣି ସୁଲୋଚନାଙ୍କୁ ଭଡ଼ା ଘର କାଶୀପୁରକୁ ଆଣିଥିଲେ। କିନ୍ତୁ ସୁଲୋଚନା ଘରେ ପୁଅକୁ ଦେଖିବାକୁ ପାଇ ନ ଥିଲେ। ଏନେଇ ସେ ସୋମନାଥଙ୍କୁ ପଚାରିବାରୁ ପୁଅ କଥା ଭୁଲିଯିବାକୁ କହିବା ସହ ନିର୍ଯାତନା ଦେଇଥିଲେ। ସୋମନାଥ ପୁଅକୁ ୧ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଜାଣିବା ପରେ ସୁଲୋଚନା ଥାନାରେ ଅଭିଯୋଗ କରିଥିଲେ। ତେବେ ପୁଅକୁ ଫେରିପାଇବା ଆଶାରେ ସୁଲୋଚନା ବାରମ୍ବାର ଥାନାକୁ ଦୌଡୁଥିଲେ ମଧ୍ୟ ନିର୍ବାଚନ ଆଳରେ ପୋଲିସ ଦିନ ଗଡାଇ ଚାଲିଛି। ପୁଅକୁ ନ ପାଇ ସୁଲୋଚନା ଭାଙ୍ଗି ପଡିଛନ୍ତି। ଅନ୍ୟପକ୍ଷରେ ସୋମନାଥଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ପୋଲିସ କହିଛି।

## ଜୁନ୍‌ରେ ବି ...

ବଲାଙ୍ଗୀରରେ ୪୬.୪, ସୋନପୁର ୪୬.୨, ବରଗଡ଼ ୪୬, ସମ୍ବଲପୁର ୪୫.୨, ଝାରସୁଗୁଡ଼ା, ନୂଆପଡ଼ା ଓ ଭବାନୀପାଟଣାରେ ୪୫, ହୀରାକୁଦ ୪୪.୭, ବୌଦ୍ଧ ୪୪, ମାଲକାନଗିରି ୪୩.୭, ଫୁଲବାଣୀ ୪୩, ସୁନ୍ଦରଗଡ଼ ୪୨, ପାରଳାଖେମୁଣ୍ଡି ଓ ନବରଙ୍ଗପୁରରେ ୪୦.୫ ଓ ରାୟଗଡ଼ାରେ ୪୦ ଡିଗ୍ରୀ ତାପମାତ୍ରା ରହିଥିଲା। ଆସନ୍ତା ଦୁଇଦିନ ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଶନିବାର ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି ଓ ସୋନପୁର ଆଦି ୪ ଜିଲାକୁ ଭୀଷଣ ଗ୍ରୀଷ୍ମପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଏବଂ ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ବୌଦ୍ଧ, କନ୍ଧମାଳ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ରବିବାର ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ ଓ ସୋନପୁର ଆଦି ୪ ଜିଲାରେ ଗ୍ରୀଷ୍ମପ୍ରବାହ ହେବାକୁ ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଜୁନ୍‌ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କଲେ ମଧ୍ୟ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିବ। ଜୁନ୍ ଦ୍ୱିତୀୟ ସପ୍ତାହ ଅର୍ଥାତ୍ ୬ରୁ ୧୨ତାରିଖ ମଧ୍ୟରେ ସ୍ୱାଭାବିକଠାରୁ ଅଧିକ ତାତି ରହିବ ବୋଲି ଆକଳନ କରାଯାଇଛି।

ଅପରପକ୍ଷେ ଗୁଳୁଗୁଳି ଯୋଗୁ ଉପକୂଳ ଓଡ଼ିଶାରେ ଜନଜୀବନ ପ୍ରଭାବିତ ହୋଇଛି। ଘର ଭିତରେ ବି ଦେହରୁ ଗମ୍‌ଗମ୍ ଝାଳ ବୋହୁଛି। ଆସନ୍ତା ୪ଦିନ ପର୍ଯ୍ୟନ୍ତ ଏଭଳି ଗୁଳୁଗୁଳି ଅନୁଭୂତ ହେବ। ତେଣୁ ବିଶେଷକରି ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ୫ ତାରିଖରୁ ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ପୁଅ ଠେଙ୍ଗା ମାଡ଼ରେ ବାପାଙ୍କ ମୃତ୍ୟୁ

**ବସ୍ତା(ହରିଶଙ୍କର ପାଢ଼ି)/ ରୂପସା(ବାଞ୍ଛାନିଧି ଦେ), ୩୧।୫**

ବାଲେଶ୍ୱର ଜିଲା ବସ୍ତା ଥାନା ଚକ୍ରଡ଼ା ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ପୁଅର ଠେଙ୍ଗା ମାଡ଼ରେ ବାପାଙ୍କ ମୃତ୍ୟୁ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଚକ୍ରଡ଼ା ଗ୍ରାମର ତପନ ଦାସ କୌଣସି କାରଣରୁ ନିଜର ସ୍ତ୍ରୀଙ୍କୁ ମାରପିଟ୍ କରିଥିଲେ। ଏହାକୁ ନେଇ ସାନମଝିଆ ପୁଅ ମାର୍କଣ୍ଡ ଦାସ ଘରେ ପହଞ୍ଚି ମା'ଙ୍କୁ ମାଡ଼ ହୋଇଥିବା ଜାଣି ଉତ୍ତେଜିତ ହୋଇପଡିଥିଲେ। ଏକ ଠେଙ୍ଗା ସାହାଯ୍ୟରେ ବାପାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ବାପା ତପନଙ୍କ ପ୍ରାଣବାୟୁ ଉଡିଯାଇଥିଲା। ତେବେ ବାପାଙ୍କ ମୃତ୍ୟୁ ହୋଇଥିବା ଜାଣି ପୁଅ ମାର୍କଣ୍ଡ ଥାନାରେ ଆତ୍ମସମର୍ପଣ କରିଛନ୍ତି। ତପନଙ୍କ ୪ଜଣ ପୁଅ ଥିବା ବେଳେ ୩ପୁଅ ବାହାରେ ରୁହନ୍ତି। ବସ୍ତା ଥାନା ଆଇଆଇସି ଗୋବିନ୍ଦ ବେହେରା ଓ ତଦନ୍ତ ଅଧିକାରୀ ଏସ୍‌ଆଇ ବିଜୟ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ କରିଥିଲେ। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ. ୧୦୭/୨୪) ରୁଜୁ କରି ଅଭିଯୁକ୍ତ ପୁଅଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଇଟାଭାଟି ଧୂଆଁରେ ଅଣନିଃଶ୍ୱାସୀ ଲୋକେ



**ଅସୁରାଳି,୩୧।୫(ସନ୍ତୋଷ ପ୍ରଧାନ)**

ଧାମନଗର ବ୍ଲକରେ ବେଆଇନ ଇଟାଭାଟି ଗଢ଼ି ଉଠିଥିବା ବେଳେ ପରିବେଶ ପ୍ରଦୂଷଣର କାରଣ ପାଲଟିଛି। କୋଠାର, ଧୂଷୁରୀ, ବେତାଳିଗାଁ, ସାହସପୁର, ନଦୀଗାଁ, ଅର୍ଜ୍ଜୁନପୁର, ପାଳସାହି, ସାହୁସାହି, ବାହାରବିଲ ଏପରିକି ଆରଡ଼ି ଆଦି ଅଞ୍ଚଳରେ ଇଟା ବ୍ୟବସାୟୀମାନେ ମନଇଚ୍ଛା ଇଟାଭାଟି କରି ବେପାର ଚଳାଇଛନ୍ତି। ପ୍ରବଳ ଗରମ, ଗୁଳୁଗୁଳି ସାଙ୍ଗକୁ ଇଟାଭାଟି ଧୂଆଁରେ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ବିଭିନ୍ନ ସରକାରୀ ସ୍ଥାନ, ଗୋଚର, ଅନାବାଦୀ ପଡ଼ିଆ ଜମି, ସ୍କୁଲ ପାଖ ଜମି, ଡାକ୍ତରଖାନା ପାଖ ଜମି, ନଦୀ ପଠା କୌଣସି ଜାଗା ଖାଲି ରଖୁନାହାନ୍ତି ଲାଭଖୋର ବ୍ୟବସାୟୀମାନେ। ନଦୀ ଅବବାହିକାରୁ ଇଟା ପାଇଁ ଉପଯୋଗୀ ମାଟି ଖୋଳି ନିଆଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟାପ୍ତ କ୍ଷତି ହେଉଛି। ଇଟା ପରିବହନ ପାଇଁ ମାଲିକମାନେ ଅନଭିଜ୍ଞ ଡ୍ରାଇଭରଙ୍କ ଦ୍ୱାରା ଟ୍ରାକ୍ଟର ଚଳାଉଛନ୍ତି। ଫଳରେ ଦୁର୍ଘଟଣା ଘଟିବା ସହ ଗ୍ରାମୀଣ ରାସ୍ତାଗୁଡ଼ିକ କମ୍ ଦିନରେ ଶୋଚନୀୟ ହୋଇପଡୁଛି। ନଦୀବନ୍ଧଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଛି। ଜିଲାପାଳ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
An experienced CIVIL SUPERVISOR and CIVIL ENGINEER is required for an established Construction Company. For details please contact:
Ph.No.-9937232509

WANTED
ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qualification: 9th, 10th, +2, Graduation.
Salary: 10,000 to 25000
Age: (18-35 yrs)
Call Us : 8895029591

See Career Appointment on every Wednesday & Saturday

APPOINTMENT
1. POST FOR MANAGER: Ladies / Gents. Must be Hotel Management profession. Exp.: 2 years.
2. FRONT OFFICE EXECUTIVE: Ladies, Exp.: 2 years.
3. HOTEL WAITER: Gents, Exp.:2 years.
HOTEL CHANCELLOR GRAND BHUBANESWAR
Contact: 9861072001

ODISHA STATE HEALTH & FAMILY WELFARE SOCIETY,
DEPTT. OF HEALTH & FAMILY WELFARE,
GOVT. OF ODISHA
Annex Building of SIH&FW,
Nayapalli, Unit-8, Bhubaneswar - 751012, District-Khordha (Odisha)
Phone/Fax: 0674- 2392480/79, E-mail Id- hrdnrhm1@gmail.com
No:- 17/2024 Date:-01.06.2024
NOTICE
No. E-21 : This is for information of all concerned that the advertisements, which were published for filling up of the following vacant positions as mentioned below are hereby cancelled on administrative grounds.

| Name of the position | Reference Advt. No. with Date (at Sl. No.) | Name of the Published Newspaper |
|---|---|---|
| Insect Collector, NVBDCP | 05/2022 dtd. 05.06.2022 (at Sl. No. - 02) | "The Samaja" (all Odisha editions), "The Dharitri" (all Odisha editions) & "The New Indian Express" (Odisha edition only) |
| Assistant Manager (IEC/ BCC & Training) | 20/2022 dtd. 17.12.2022 (at Sl. No. -03) & (at Sl. No. -04) | |
| Assistant Manager, Legal affairs & Institutional Strengthening (LA&IS) | | |

OIPR-10084/11/0003/2425
Sd./- Mission Director NHM, Odisha.

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2024021, ତା.22.05.2024ରିଖ
କାର୍ଯ୍ୟର ନାମ: ପୁରୀ ଏବଂ କୋଣାର୍କ ମଧ୍ୟରେ ନୂଆ ଲାଇନ୍ (32.02 କି.ମି.) : ଫିଲ୍ଡ ସର୍ବେକ୍ଷଣ ଅନୁଯାୟୀ ଯାଞ୍ଚ, ପରିବର୍ତ୍ତନ, ରୂପାନ୍ତରଣ ଏବଂ ଘରୋଇ ଜମି/ସରକାରୀ ଜମି ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ଦାଖଲ ନିମନ୍ତେ ଅନ୍ତିମ ରୂପ ଦେବା ପାଇଁ ସହାୟତା ପ୍ରଦାନ କରିବା, ଷ୍ଟ୍ରକ୍‌ଚରଗୁଡ଼ିକୁ ଭାଙ୍ଗିବା ଏବଂ ସେବା ଅନୁପଯୋଗୀ PSC ସ୍ଲିପରଗୁଡ଼ିକ ସହିତ ଜମି ବାଉଣ୍ଡାରୀ ପୋଷ୍ଟଗୁଡ଼ିକର ବ୍ୟବସ୍ଥା କରି ଗଛ କାଟିବା ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 179.99 ଲକ୍ଷ, EMD(₹): 2,40,000/-, କାର୍ଯ୍ୟ ଶେଷ ହେବା ଅବଧି: 12(ବାର)ମାସ।
ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ: ତା.13.06.2024 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ:-ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ପ୍ରଥମ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ପୃଷ୍ଠା 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ଯନ୍ତ୍ରୀ (ନିର୍ମାଣ)/II ଭୁବନେଶ୍ୱର
PR-22/CH/24-25

DIRECTORATE OF MEDICAL EDUCATION & TRAINING, ODISHA
Heads of Department Building, Bhubaneswar, 751001,
Tel No. 0674-2393847, 2394255
E-mail : dmetbbsr4@gmail.com, www.dmetodisha.gov.in
ADVERTISEMENT
for Registrar and Dy Registrar for ONMRC
(No. 8499 Dt. 31.05.2024)
No.E-20: Applications are invited from eligible candidates for recruitment for the posts of Registrar and Deputy Registrar of Odisha Nursing & Midwives Registration Council on contractual / deputation basis. The details of mode of Recruitment, Remuneration, Qualifications etc. is available in the website of DMET, Odisha, i.e www.dmetodisha.gov.in.
OIPR-10016/11/0003/2425
Sd./- Director Medical Education & Training, Odisha

